୬ ଏସିଆ କପ୍‌ରେ ରଦ୍ଦ ହୋଇପାରିବନି ଭାରତ-ପାକିସ୍ତାନ ମ୍ୟାଚ୍




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୧୯୧ ● ୮ ଅଗଷ୍ଟ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-191 ● 8th August 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


### ହସ୍ତତନ୍ତ ମେଳା 'ଏକତା' ଉଦ୍‌ଘାଟିତ : ମାଧୁରୀ ଦୀକ୍ଷିତ ବର୍ଷକ ପାଇଁ ଓଡ଼ିଶା ହସ୍ତତନ୍ତର 'ବ୍ରାଣ୍ଡ୍ ଆମ୍ବାସାଡର'

# ଆମ ହସ୍ତତନ୍ତ ରାଷ୍ଟ୍ରୀୟ ଓ ଅନ୍ତର୍ଜାତୀୟ ବଜାରରେ ଓଡ଼ିଶାକୁ ଗୌରବାନ୍ୱିତ କରାଉଛି

ଭୁବନେଶ୍ୱର, ୭।୮

ନ୍ୟୁଜ୍ ବ୍ୟୁରୋ



ଜାତୀୟ ହସ୍ତତନ୍ତ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ସ୍ଥାନୀୟ ଜନତା ମଇଦାନ ଠାରେ ଆୟୋଜିତ ହସ୍ତତନ୍ତ ମେଳା 'ଏକତା' କୁ ଉଦ୍‌ଘାଟନ କରି କହିଛନ୍ତି ଯେ ଆମ ହସ୍ତତନ୍ତ ହେଉଛି ଓଡ଼ିଆ ଅସ୍ମିତାର ଏକ ପ୍ରମୁଖ ସ୍ତମ୍ଭ। ଆମର 'ହସ୍ତତନ୍ତ କ୍ଷେତ୍ର' କେବଳ ଏକ ଆର୍ଥିକ ସ୍ତମ୍ଭ ନୁହେଁ ବରଂ ଏହା ଜାତୀୟ ଗର୍ବ ଓ ଗରିମାର ପ୍ରତୀକ। ପ୍ରାଚୀନ ସାମୁଦ୍ରିକ ବାଣିଜ୍ୟରୁ ଆରମ୍ଭ କରି ବର୍ତ୍ତମାନର ବିଶ୍ୱ ଫ୍ୟାଶନ୍ ପ୍ଲାଟଫର୍ମ ପର୍ଯ୍ୟନ୍ତ, ଆମର ବୟନ ସର୍ବଦା ଉତ୍କର୍ଷତା, ଆଧ୍ୟାତ୍ମିକତା ଓ ସଂସ୍କୃତିର ଜୟଗାନ କରିଆସିଛି। ହସ୍ତତନ୍ତ ଉନ୍ନୟନ ଯୋଜନା ମାଧ୍ୟମରେ ବୁଣାକାରମାନଙ୍କ ସାମାଜିକ-ଆର୍ଥିକ ଅବସ୍ଥାକୁ ଉନ୍ନତ କରିବା ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କୁ ଏକ ବର୍ଷ ପାଇଁ ଓଡିଶା ହ୍ୟାଣ୍ଡଲୁମର 'ବ୍ରାଣ୍ଡ ଆମ୍ବାସାଡର' ଭାବେ ଅନୁବନ୍ଧିତ କରାଯାଇଛି ବୋଲି ଘୋଷଣା କରିଥିଲେ। ମାଧୁରୀ ଦୀକ୍ଷିତଙ୍କ ସକ୍ରିୟ ସହଯୋଗରେ ଓଡିଶା ହସ୍ତତନ୍ତରୁ ପ୍ରସ୍ତୁତ ପୋଷାକ ଦେଶ ବିଦେଶର ଫେସନ ଜଗତରେ ପ୍ରତିଷ୍ଠା ଅର୍ଜନ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ୩୦ଟି ଜିଲ୍ଲାରେ ୧ ଲକ୍ଷ ୩୦ ହଜାରରୁ ଅଧିକ ବୁଣାକାର ଓ ସହାୟକ ଶ୍ରମିକ ହସ୍ତତନ୍ତ କ୍ଷେତ୍ରରେ ସିଧାସଳଖ ନିୟୋଜିତ ଅଛନ୍ତି। ପ୍ରାଥମିକ ବୁଣାକାର ସମବାୟ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ଜରିଆରେ ଆମର ବୁଣାକାର ବନ୍ଧୁମାନେ ସଂଗଠିତ ହୋଇ ବୟନ ଐତିହ୍ୟକୁ ବଜାୟ ରଖିବା ପାଇଁ କାର୍ଯ୍ୟ କରିଆସୁଛନ୍ତି । ପୂର୍ବ ଭାରତର ସର୍ବବୃହତ ଓଡିଶା ଟେକ୍ସଟାଇଲ କନକ୍ଲେଭ'ରେ ରାଜ୍ୟରେ ଟେକ୍ସଟାଇଲ ଶିଳ୍ପ ପ୍ରତିଷ୍ଠା ପାଇଁ ୭୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ସହ ୩୩ଟି ଏମଓୟୁ ସ୍ୱାକ୍ଷରିତ ହୋଇଛି ଏବଂ ଏହା ମାଧ୍ୟମରେ ଟେକ୍ସଟାଇଲ କ୍ଷେତ୍ରରେ ୫୩ ହଜାର ୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଭିତ୍ତିଭୂମି ଓ (ପୃଷ୍ଠା ୭ରେ)

### ୧୦ ବିଭାଗରେ ୨୨,୮୯୬ ପଦବୀ ପୂରଣ ହେବ

# ଅଗଷ୍ଟ ସୁଦ୍ଧା ପ୍ରକ୍ରିୟା ସାରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୭।୮

ନ୍ୟୁଜ୍ ବ୍ୟୁରୋ




ରାଜ୍ୟରେ ସରକାରୀସ୍ତରରେ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇଛି । ବିଭିନ୍ନ ବିଭାଗରେ ଖାଲି ପଡିଥିବା ପଦବୀ ମଧ୍ୟରୁ ପାଖାପାଖି ୨୩ ହଜାର ପଦବୀ ପୂରଣ କରାଯିବ । ଚଳିତ ଅଗଷ୍ଟ ମାସ ଶେଷ ସୁଦ୍ଧା ଏହି ପ୍ରକ୍ରିୟା ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ୧୦ଟି ବିଭାଗରେ ଖାଲି ପଡ଼ିଥିବା ଗ୍ରୁପ୍ 'ସି' ଶ୍ରେଣୀର ୨୨,୮୯୬ଟି ପଦବୀ ଖୁବଶୀଘ୍ର ପୂରଣ କରିବାକୁ ନିଷ୍ପତ୍ତି ନିଆଯାଇଛି । ମୁଖ୍ୟ ଶାସନ ସଚିବ ଏହି ନିଯୁକ୍ତି ପ୍ରକ୍ରିୟା ୨୦୨୫ ଅଗଷ୍ଟ ୩୧ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ସର୍ବାଧିକ ୮,୩୫୮ଟି ପଦବୀ ପୂରଣ କରାଯିବ । ସେହିପରି ପଞ୍ଚାୟତିରାଜ ବିଭାଗରେ ୪,୦୪୨ଟି ଏବଂ ସ୍ୱାସ୍ଥ୍ୟ ବିଭାଗରେ ୩,୬୭୭ଟି ପଦବୀ ପୂରଣ କରାଯିବ। ବର୍ତ୍ତମାନ ୧୦ଟି ବିଭାଗରେ ମୋଟ ୪୪,୯୦୯ଟି ପଦବୀ ଖାଲି ପଡ଼ିଥିବା ଜଣାପଡ଼ିଛି, ଯେଉଁଥିରୁ ପ୍ରଥମ ପର୍ଯ୍ୟାୟରେ ୨୨,୮୯୬ଟି ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଉଛି।

ଏହି ନିଯୁକ୍ତି ପ୍ରକ୍ରିୟା ରାଜ୍ୟରେ ବେକାରୀ ସମସ୍ୟା ହ୍ରାସ କରିବା ସହିତ ବିଭିନ୍ନ ବିଭାଗରେ ସେବାର ଗୁଣବତ୍ତା ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ବିଭାଗକୁ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ କୁହାଯାଇଛି।

ଏହି ଘୋଷଣା ରାଜ୍ୟର ବେକାର ଯୁବକମାନଙ୍କ ମଧ୍ୟରେ ଆଶାର ସଞ୍ଚାର ସୃଷ୍ଟି କରିଛି। ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ ଅଧିକ ସୂଚନା ପାଇଁ ସମ୍ପୃକ୍ତ ବିଭାଗର ଅଫିସିଆଲ ୱେବସାଇଟ ଦେଖିବାକୁ ପରାମର୍ଶ ଦିଆଯାଇଛି।

# ପୂର୍ବତନ ଉପବାଚସ୍ପତି ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ ପରଲୋକ

ଭୁବନେଶ୍ୱର, ୭।୮

ନ୍ୟୁଜ୍ ବ୍ୟୁରୋ



ପୂର୍ବତନ ଉପବାଚସ୍ପତି ତଥା ପୂର୍ବତନ ମନ୍ତ୍ରୀ ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ ବୁଧବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ହୃଦଜନିତ ସମସ୍ୟା ଯୋଗୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ ଖଣ୍ଡପଡ଼ା ଗଡ଼ର ରାଜା ଥିଲେ। ରାଜନୀତି ସହ ବି ସେ ଜଡ଼ିତ ରହିଥିଲେ। ୧୯୮୦, ୧୯୮୫ ଏବଂ ୧୯୯୫ ମସିହାରେ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ କଂଗ୍ରେସ ଦଳ ସହିତ ଦୀର୍ଘ ବର୍ଷ ଧରି ଜଡ଼ିତ ଥିଲେ। ମନ୍ତ୍ରୀ ଏବଂ ଉପବାଚସ୍ପତି ଭାବେ ସେ ଦାୟିତ୍ୱ ନିର୍ବାହ ମଧ୍ୟ କରିଥିଲେ।

ପୂର୍ବତନ ଉପବାଚସ୍ପତି ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ ପାର୍ଥିବ ଶରୀର ଗୁରୁବାର ବିଧାନସଭା ପରିସରରେ ପହଞ୍ଚିବା ପରେ ସେଠାରେ ବାଚସ୍ପତି ସୁରମା ପାଢ଼ୀ ତାଙ୍କ ପ୍ରତି ଶେଷ ଶ୍ରଦ୍ଧାଞ୍ଜଳି (ପୃଷ୍ଠା ୭ରେ)

## ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୭।୮

ନ୍ୟୁଜ୍ ବ୍ୟୁରୋ

ପୂର୍ବତନ ଉପବାଚସ୍ପତି ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ସରକାରରେ ପୂର୍ବତନ ମନ୍ତ୍ରୀ ତଥା ବିଧାନସଭାର ପୂର୍ବତନ ଉପବାଚସ୍ପତି ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି ।

## ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି

ନୂଆଦିଲ୍ଲୀ, ୭।୮

ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଉପରାଷ୍ଟ୍ରପତି ନିର୍ବାଚନ-୨୦୨୫ ସମ୍ପର୍କିତ ଅଧିସୂଚନା ଜାରି କରାଯାଇଛି। ନାମାଙ୍କନ, ଯାଞ୍ଚ, ନାମାଙ୍କନ ପ୍ରତ୍ୟାହୃତ ଓ ମତଦାନ ତାରିଖ ପୂର୍ବରୁ ଘୋଷଣା କରାଯାଇଛି। ଯଦି ଜଣେରୁ ଅଧିକ ପ୍ରାର୍ଥୀ ଥିବେ, ତେବେ ମତଦାନ ୯ ସେପ୍ଟେମ୍ବରରେ ହେବ। ଅଧିସୂଚନା ଜାରି ସହିତ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି, ଯାହା ୨୧ ଅଗଷ୍ଟ ପର୍ଯ୍ୟନ୍ତ ଚାଲିବ।

ଆୟୋଗ ଉପରାଷ୍ଟ୍ରପତି ନିର୍ବାଚନ ଅଧିନିୟମ, ୧୯୫୨ ର ଧାରା ୪ ର ଉପଧାରା (୧) ଓ (୪) (ପୃଷ୍ଠା ୭ରେ)

## ସଂସଦରେ ଏସଆଇଆର ନେଇ ହଟ୍ଟଗୋଳ ଜାରି : ଶୁକ୍ରବାର ପର୍ଯ୍ୟନ୍ତ ଗୃହ ମୁଲତବୀ

ନୂଆଦିଲ୍ଲୀ, ୭।୮

ବିରୋଧୀ ଦଳର ହଟ୍ଟଗୋଳ ଜାରି ରହିବା ଯୋଗୁ ମୌସୁମୀ ଅଧିବେଶନର ଲଗାତାର ୧୪ତମ ଦିନ ଗୁରୁବାର ସଂସଦର ଉଭୟ ଗୃହ ଲୋକସଭା ଏବଂ ରାଜ୍ୟସଭାର କାର୍ଯ୍ୟ ପ୍ରଭାବିତ ହୋଇଛି। ବିହାରରେ ଭୋଟର ତାଲିକାର ବିଶେଷ ଗହନ ପୁନଃପରୀକ୍ଷଣ ଉପରେ ଆଲୋଚନା କରିବା ଦାବିରେ ବିରୋଧୀ ଦଳ ଅଟଳ ରହିଛନ୍ତି। ଏହି କାରଣରୁ ଗୃହ କାର୍ଯ୍ୟରେ (ପୃଷ୍ଠା ୭ରେ)



## ମହିଳା ଡାକ୍ତରଙ୍କୁ ଅସଦାଚରଣ ଅଭିଯୋଗ : ଅଭିଯୁକ୍ତ ଗିରଫ

କଟକ, ୭।୮

ନ୍ୟୁଜ୍ ବ୍ୟୁରୋ

ମହିଳା ଡାକ୍ତର ଓ ଫାର୍ମାସିଷ୍ଟଙ୍କୁ ଅସଦାଚରଣ ଅଭିଯୋଗ ହୋଇଛି । ସଦର ଥାନା ଫୁଲନଖରା ଅଞ୍ଚଳର ସରକାରୀ ଡାକ୍ତରଖାନାରେ ଏହି ଅସଦାଚରଣ ହୋଇଛି । ଏହି ଘଟଣାରେ ଅଭିଯୁକ୍ତ ପବ୍ଲିକ୍ ହେଲ୍‌ଥ ମ୍ୟାନେଜର ନିଶୀଥ୍ ସାହୁଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ପୂର୍ବରୁ ଘଟଣାକୁ ନେଇ ଅତିରିକ୍ତ ଅର୍ବାନ ପ୍ରାଇମେରୀ ହେଲଥ୍ ଅଫିସରଙ୍କୁ ଜଣାଇଥିଲେ । ମାତ୍ର କାର୍ଯ୍ୟାନୁଷ୍ଠାନ ନ ହେବାରୁ ସଦର ଥାନାରେ ଏତଲା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ତଦନ୍ତ ଜାରି ରହିଛି ।

## ଭାରତ ଗସ୍ତରେ ଆସିବେ ଋଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍

ନୂଆଦିଲ୍ଲୀ, ୭।୮



ଭାରତ ଗସ୍ତରେ ଆସିବେ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ । ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ତାଙ୍କ ମସ୍କୋ ଗସ୍ତ ସମୟରେ ଏହି ସୂଚନା ଦେଇଛନ୍ତି ।

ଡୋଭାଲ କହିଛନ୍ତି, ରାଷ୍ଟ୍ରପତି ପୁଟିନ ଏହି ବର୍ଷ ଶେଷରେ ଭାରତ ଆସିପାରନ୍ତି। ତେବେ ଚାରି ବର୍ଷ ପରେ ପୁଟିନଙ୍କ ଏହା ପ୍ରଥମ ଭାରତ ଗସ୍ତ ହେବ। ପୁଟିନଙ୍କ ଗସ୍ତର ଖବର ଏପରି ସମୟରେ ଆସୁଛି ଯେତେବେଳେ ଭାରତ, ଋଷ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ଜାରି ରହିଛି। ରାଷ୍ଟ୍ରପତି ପୁଟିନ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହିତ ଏକ ବଡ଼ ରଣନୀତି ପ୍ରସ୍ତୁତ କରିବେ ବୋଲି ଆଶା କରାଯାଉଛି।

ଭାରତର ଏନଏସଏ ଅଜିତ ଡୋଭାଲ ତାଙ୍କ ମସ୍କୋ ଗସ୍ତ ସମୟରେ କହିଛନ୍ତି ଯେ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭାରତ ଗସ୍ତର ତାରିଖ ଉପରେ ବିଚାର କରାଯାଉଛି। ଏନଏସଏ ତାଙ୍କ ବୈଠକରେ କୌଣସି ନିର୍ଦ୍ଦିଷ୍ଟ ତାରିଖ କିମ୍ବା ସମୟ ସୂଚିତ କରିନାହାନ୍ତି। ତେବେ ପୂର୍ବରୁ ଅନୁମାନ କରାଯାଉଥିଲା ଯେ ପୁଟିନ ଅଗଷ୍ଟ ଶେଷରେ ଭାରତ ଆସିପାରନ୍ତି। ଯଦିଓ ପରେ ଏହାକୁ ଖଣ୍ଡନ କରାଯାଇଥିଲା। ଭାରତୀୟ ଆମଦାନୀ ଉପରେ ଟ୍ରମ୍ପଙ୍କ ଦ୍ୱାରା ଘୋଷଣା କରାଯାଇଥିବା (ପୃଷ୍ଠା ୭ରେ)

## ହିମାଚଳପ୍ରଦେଶରେ ଏଯାଏଁ ୧୯୯ ମୃତ : ୧୯୦୫.୫ କୋଟି ଟଙ୍କାର କ୍ଷୟକ୍ଷତି

ନୂଆଦିଲ୍ଲୀ, ୭।୮



ହିମାଚଳପ୍ରଦେଶରେ ଚଳିତ ବର୍ଷ ୨୦ ଜୁନରୁ ୬ ଅଗଷ୍ଟ ମଧ୍ୟରେ ମୌସୁମୀ କାରଣରୁ ପ୍ରବଳ ବର୍ଷା ଫଳରେ ଏଯାଏଁ ପ୍ରାୟ ୧୯୯ ଜଣଙ୍କ ମୃତ୍ୟୁ ହୋଇଛି । ଏହାସହ ୧୯୦୫.୫ କୋଟି ଟଙ୍କାର କ୍ଷୟକ୍ଷତି ଘଟିଛି। ରାଜ୍ୟ ବିପର୍ଯ୍ୟୟ ଓ ପରିଚାଳନା ପ୍ରାଧିକରଣ ଏହାର ସଦ୍ୟ ରିପୋର୍ଟ ଜାରି କରିଛି ।

ରିପୋର୍ଟ ଅନୁସାରେ ବର୍ଷା ସହ ଜଡିତ ଘଟଣା ଯେପରି ଭୂସ୍ଖଳନ, ବାଦଲଫଟା ବର୍ଷା, ବିଦ୍ୟୁତ୍ ଆଘାତରେ ୧୦୮ ଜଣଙ୍କ ମୃତ୍ୟୁ ହୋଇଛି । ୯୧ ଜଣଙ୍କ ମୃତ୍ୟୁ ରାସ୍ତାରେ ଅଘଟଣ କାରଣରୁ ହୋଇଛି । ଏହା ବ୍ୟତୀତ ୩୦୪ ଜଣ ଆହତ ହେବା ସହ ୩୬ ଜଣ ଏବେ ବି ନିଖୋଜ ରହିଛନ୍ତି ।

ପ୍ରଦେଶର ଅନେକ ସ୍ଥାନରେ କ୍ଷୟକ୍ଷତି ଘଟିଛି । ପରିଚାଳନା ସଞ୍ଚାଳନ କେନ୍ଦ୍ରର ୬ ଅଗଷ୍ଟର ରିପୋର୍ଟ ଅନୁସାରେ ସାରା ରାଜ୍ୟରେ ୫୩୩ ରାସ୍ତା ଏବେ ମଧ୍ୟ ବନ୍ଦ ରହିଛି । ଯେଉଁଥିରେ ପ୍ରମୁଖ ଜାତୀୟ ରାଜପଥ ୩, ୫, ୨୧ ଓ ୩୦୫ ସାମିଲ ରହିଛି । ଏହା ବ୍ୟତୀତ ୬୩୫ ପାୱାର ଟ୍ରାନ୍ସଫର ଠପ୍ ହୋଇଯାଇଛି । ୨୬୬ ପାନୀୟ ଜଳ ଯୋଜନାରେ ମଧ୍ୟ ବାଧା ସୃଷ୍ଟି ହୋଇଛି । ଫଳରେ ସର୍ବସାଧାରଣ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

ସେହିପରି ମଣ୍ଡୀ, କୁଲ୍ଲୁ ଓ କାଙ୍ଗଡା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ମଣ୍ଡୀରେ ବର୍ଷା ପରେ ପ୍ରାୟ ୨୩ ଜଣଙ୍କ ଜୀବନ ଚାଲି ଯାଇଛି । ଭାରତୀୟ ପାଣିପାଗ ବିଭାଗ ୧୨ ଅଗଷ୍ଟ ପର୍ଯ୍ୟନ୍ତ (ପୃଷ୍ଠା ୭ରେ)

## ଦୁର୍ଘଟଣାରେ ଓଲଟିଲା ସିଆରପିଏଫ୍ ଗାଡି : ୩ ଯବାନ ସହିଦ

ଭୁବନେଶ୍ୱର, ୭।୮

ନ୍ୟୁଜ୍ ବ୍ୟୁରୋ

ଜମ୍ମୁ-କଶ୍ମୀରର ଉଧାମପୁରରେ ଏକ ବଡ ଦୁର୍ଘଟଣା ଘଟିଛି । ଉଧାମପୁର ଜିଲ୍ଲାର କାଣ୍ଡୱା-ବସନ୍ତଗଡ ଅଞ୍ଚଳରେ ଏକ ସିଆରପିଏଫ୍ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୩ ଜଣ ଯବାନ ସହିଦ ହୋଇଥିବା ବେଳେ ୧୨ଜଣ ଯବାନ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଏନେଇ ଅତିରିକ୍ତ ଏସପି ସନ୍ଦୀପ ଭଟ୍ ସୂଚନା ଦେଇଛନ୍ତି । ଆହତ ଯବାନମାନଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରିଥିଲେ ।

ସେପଟେ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଏକ୍ସରେ ସୂଚନା ଦେଇ କହିଛନ୍ତି ଯେ କାଣ୍ଡୱା-ବସନ୍ତଗଡ ଅଞ୍ଚଳରେ ଏକ ସିଆରପିଏଫ୍ ଗାଡି ସହିତ ଘଟିଥିବା ଦୁର୍ଘଟଣା କଥା ଶୁଣି ମୁଁ ମର୍ମାହତ । (ପୃଷ୍ଠା ୭ରେ)

## ଏକାଳ ପଖାଳ



ଭାରତ ଗତିକୁ ଅଟକାଇବାକୁ
ପାଗଳ ହେଲାଣି ଟ୍ରମ୍ପ
ଦେଖି ସହି ପାରୁନି ସେ ଜମା
ଗର୍ଜନ ଯେପରି ତମ୍ପ
ଏବେ ନେବ ସିଏ ବାମ୍ପ
ଏକମନ ଏକ ଦେଶ ଆମେ
ଆମେ ଆମେରିକା ବାପ ।

# ଖୁସିରେ କେହି ରିକ୍ସା ଟାଣନ୍ତି ନାହିଁ



ମୁମ୍ବାଇ, ୭।୮

ଖୁସିରେ କେହି ରିକ୍ସା ଟାଣନ୍ତି ନାହିଁ। ପରିସ୍ଥିତିରେ ପଡି ବାଧ୍ୟବାଧକତାରେ ରିକ୍ସା ଟାଣିଥାଆନ୍ତି। ହେଲେ ଏହା ଏକ ଅତ୍ୟନ୍ତ ଅମାନବୀୟ କାର୍ଯ୍ୟ ଏବଂ ଏହା ସମ୍ବିଧାନର ସମ୍ମାନ ମଧ୍ୟ ହାନି ଘଟାଉଛି । ଏହା ଉପରେ ସଂପୂର୍ଣ୍ଣ ପ୍ରତିବନ୍ଧକ ଲଗାଇବା ପାଇଁ ସୁପ୍ରିମକୋର୍ଟ ମହାରାଷ୍ଟ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଧାନବିଚାରପତି ବି.ଆର. ଗଭାଇ ଏ ସଂକ୍ରାନ୍ତ ଏକ ମାମଲାର ଶୁଣାଣି ବେଳେ ଏପରି ନିର୍ଦ୍ଦେଶ ଦେଇଛନ୍ତି। ମହାରାଷ୍ଟ୍ରର ମାଥେରାନରେ ୬ ମାସ ମଧ୍ୟରେ ହାତ ଟଣା ରିକ୍ସା ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ କହିଛନ୍ତି କି ମଣିଷ ମଣିଷକୁ ହାତ ଟଣା ରିକ୍ସାରେ ବୋହିବା ଅତି ଅମାନବୀୟ କାର୍ଯ୍ୟ । ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଭାରତ ଭଳି ଏକ ବିକାଶଶୀଳ ଦେଶରେ ଏଭଳି ଅମାନବୀୟ ପ୍ରଥାକୁ ଅନୁମତି ଦେବା ମାନବୀୟ ଗରିମାର ବିରୁଦ୍ଧାଚରଣ କରୁଛି।

ମାଥେରାନରେ ପରିବହନ ସମ୍ବନ୍ଧିତ ଅନେକ ଦିନ ଧରି ଚାଲିଥିବା ଏକ ମାମଲାରେ ଏମିତି ନିର୍ଦ୍ଦେଶ ଶୁଣାଇଛନ୍ତି ସୁପ୍ରିମକୋର୍ଟ । ମାଥେରାନ ଭାରତର ସେହି ହିଲ୍ ଷ୍ଟେସନ ମଧ୍ୟରୁ ଗୋଟିଏ ଯେଉଁଠି ଯାନବାହନ ଯିବା ଆସିବା ମନା । ଏହା ସତ୍ତ୍ୱେ ପ୍ରତି ବର୍ଷ (ପୃଷ୍ଠା ୭ରେ)

# ପ୍ରତ୍ୟେକ ନାଗରିକଙ୍କୁ ମିଳିବ ଜାତୀୟ ପରିଚୟ ପତ୍ର

ନୂଆଦିଲ୍ଲୀ, ୭।୮




ଦେଶର ପ୍ରତ୍ୟେକ ନାଗରିକଙ୍କୁ ଜାତୀୟ ପରିଚୟ ପତ୍ର ପ୍ରଦାନ କରାଯିବ ବୋଲି ଗୃହ ରାଷ୍ଟ୍ରମନ୍ତ୍ରୀ ବି.ସଞ୍ଜୟ କୁମାର ଲୋକସଭାରେ ସୂଚନା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ସଞ୍ଜୟ କୁମାର ଏହି ପରିପ୍ରେକ୍ଷୀରେ କହିଛନ୍ତି ଯେ ୨୦୦୪ ନାଗରିକତ୍ୱ (ସଂଶୋଧନ) ଆଇନ ଅନୁଯାୟୀ କେନ୍ଦ୍ର ସରକାର ପ୍ରତ୍ୟେକ ନାଗରିକଙ୍କୁ ଜାତୀୟ ପରିଚୟ ପତ୍ର ପ୍ରଦାନ କରିବେ। ବର୍ତ୍ତମାନ ଭୋଟର ପରିଚୟ ପତ୍ର କିମ୍ବା ଆଧାର କାର୍ଡକୁ ନାଗରିକମାନେ ପରିଚୟ ପତ୍ର ଭାବେ ବ୍ୟବହାର କରୁଛନ୍ତି। ନିକଟରେ ବିହାରରେ ଭୋଟର ତାଲିକା ସ୍ୱତନ୍ତ୍ର ସମୀକ୍ଷା (ଏସଆଇଆର) କରାଯାଇଥିବାବେଳେ ନିର୍ବାଚନ କମିଶନ ଆଧାର ଏବଂ ଭୋଟର ପରିଚୟ ପତ୍ରକୁ ବୈଧ ଭାବେ ଗ୍ରହଣ କରିବାକୁ ମନା କରିଦେଇଥିଲେ। ଏହାକୁ ନେଇ ବିବାଦର ସୂତ୍ରପାତ ହୋଇଥିଲା। ତେବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଇସି ଏହି କାଗଜପତ୍ରକୁ ନାଗରିକତ୍ୱ ପ୍ରମାଣପତ୍ର ଭାବେ ଗ୍ରହଣ କରିଛନ୍ତି।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୮ ଅଗଷ୍ଟ ୨୦୨୫ ଶୁକ୍ରବାର





# ସମ୍ବଲପୁର-ନାନ୍ଦେଡ଼ ଟ୍ରେନ୍ ପ୍ରତିଦିନ ଚଳାଚଳ ପାଇଁ ଦାବିପତ୍ର ପ୍ରଦାନ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ ସାଂସଦ ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ଓସାକା ହାଇଦ୍ରାବାଦ ତରଫରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ସମ୍ବଲପୁରରୁ ନାନ୍ଦେଡ ନାଗାବଲୀ ଏକ୍ସପ୍ରେସ୍ ଟ୍ରେନ୍ ଦୈନନ୍ଦିନ ଚାଳିବା ପାଇଁ ଅନୁରୋଧ ପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଓସାକାର ଉପଦେଷ୍ଟା ପଦ୍ମନାଭ ପ୍ରଧାନ ଉପସ୍ଥିତ ଥିଲେ । ପଶ୍ଚିମ ଓଡ଼ିଶାର ଏକମାତ୍ର ଟ୍ରେନ୍ ହାଇଦ୍ରାବାଦକୁ ସପ୍ତାହକୁ କେବଳ ତିନିଦିନ ଚାଲୁଥିବାରୁ ଅନେକ ସମୟରେ ପଶ୍ଚିମ ଓଡ଼ିଶାବାସୀ ଜରୁରୀ କାଳୀନ ଚିକିତ୍ସା ପାଇଁ ଯାତ୍ରା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନାଗାବଳୀ ଟ୍ରେନ୍ ପ୍ରତ୍ୟେକ ଦିନ ଚାଲିଲେ ପଶ୍ଚିମ ଓଡ଼ିଶା ତଥା ଦକ୍ଷିଣ ଓଡ଼ିଶାର ହଜାର ହଜାର ଲୋକ ଚିକିତ୍ସା ତଥା ଜୀବିକା ପାଇଁ ଉପକୃତ ହେବେ ବୋଲି ଓସାକା ହାଇଦ୍ରାବାଦ ତରଫରୁ ରେଳ ମନ୍ତ୍ରୀଙ୍କୁ ଏହି ଯଥାର୍ଥ ଦାବିକୁ ସହୃଦୟର ସହ ବିଚାର କରିବାକୁ ଅନୁରୋଧ କରାଯାଇଥିଲା ।



# ଗୁଳିମାଡ଼ ଘଟଣାରେ ୩ ଯୁବକଙ୍କୁ ଗିରଫ କଲା କମିଶନରେଟ ପୋଲିସ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ନୂଆବଜାର ଜଣେ ଯୁବକଙ୍କୁ ଗୁଳିମାଡ଼ ଘଟଣାର ପର୍ଦ୍ଦାଫାସ୍ କରିଛି, କଟକ କମିଶନରେଟ ପୋଲିସ। ଗୁଳିମାଡ଼ ନୁହେଁ ବରଂ ବନ୍ଧୁକରେ ଡେମୋ ଦେଖାଇବା ବେଳେ ନିଜ ଗୋଡ଼ରେ ଗୁଳି ଫୁଟାଇ ଥିଲେ ଯୁବକ। ଏହି ଘଟଣାର ତଦନ୍ତ କରି ୨ ଜଣଙ୍କୁ ଗିରଫ କରିଛି ପୋଲିସ। କଟକ ଡିସିପି ଋଷିକେଶ ଖିଲାରୀଙ୍କ ସୂଚନା ମୁତାବକ, କେହି ଗୁଳି ମାଡ଼ କରିନଥିଲେ ବରଂ ଖଟିରେ ଚୋରା ବନ୍ଧୁକ ଦେଖାଉଥିବା ବେଳେ ଫୁଟିଥିଲା ଗୁଳି। ଏହି ଘଟଣାରେ ଏକ ବନ୍ଧୁକ ସହ ଖୋକା ଜବତ କରିଛି ପୋଲିସ। ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଡିସିପି ସୂଚନା ଦେଇଛନ୍ତି। ସେମାନେ ହେଲେ ଗୁଳି ମାଡ଼ ଯୋଗୁଁ ଆହତ ହୋଇଥିବା ସଞ୍ଜୟ ତରାଇର ବନ୍ଧୁ ଭଗବାନ ରାଉତ ଓ ଭଗବାନଙ୍କୁ ବନ୍ଧୁକ ଦେଇଥିବା ଲିଟୁ ନାମକ ଯୁବକ। ବିଳମ୍ବିତ ରାତିରେ ଗୁଳିମାଡ଼ରେ ଆହତ ହୋଇ ସଞ୍ଜୟ ତରାଇ ଏସ୍‌ସିବିରେ ଭର୍ତ୍ତି ହୋଇଥିଲା। ପୋଲିସ ଏନେଇ ଜାଣିବା ପରେ



ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସଞ୍ଜୟ ତରାଇର ନିଜ ବନ୍ଧୁ ଭଗବାନ ରାଉତ, ରାସ୍ତାରେ ଯାଉଥିବା ଓଏମ୍‌ପି ଛକ ଠାରେ କେହି ଗୁଳି ମାଡ଼ କରିଥିବା କଥା ଉଭୟ ଅଭିଯୋଗ କରିଥିଲେ। କିନ୍ତୁ ତଦନ୍ତ ସମୟରେ ଭଗବାନ ସାଙ୍ଗମାନଙ୍କ ଖଟିରେ ଚୋରା ବନ୍ଧୁକ ଦେଖାଉଥିବା ବେଳେ ଗୁଳି ଫୁଟିଥିଲା ଏବଂ ଏଥିରେ ସଞ୍ଜୟ ତରାଇ ଆହତ ହୋଇଥିଲେ ବୋଲି ଜଣାପଡ଼ିଥିଲା। ମାମଲାରେ ପୋଲିସ ଭଗବାନ ଓ ବନ୍ଧୁକ ବେପାରୀ ଲିଟୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏହି ବନ୍ଧୁକ ସେମାନେ କେଉଁଠୁ ଆଣିଲେ ? ଖେଳଣା ବନ୍ଧୁକ ପରି ଏହାକୁ କାହିଁକି ସେମାନେ ବ୍ୟବହାର କରୁଥିଲେ ? କଟକରେ ଚାଲିଛି କି ବେଧଡକ ବନ୍ଧୁକ ବ୍ୟବସାୟ ? ଚୋରା ବନ୍ଧୁକ କାରବାର ଉପରେ ପୋଲିସ କେମିତି ରଖିଛି ନଜର ? କିଛି ଦିନ ପୂର୍ବରୁ ଏକ ଆନ୍ତରାଜ୍ୟ ଚୋରା ବନ୍ଧୁକ କାରବାରରେ ୬ ଜଣଙ୍କୁ ଗିରଫ କରିଥିଲା କମିଶନରେଟ ପୋଲିସ। ଯାହାର ମାଷ୍ଟର ମାଇଣ୍ଡ ଥିଲେ କାଦୁଆ ଓରଫ ଦେବଦତ୍ତ ସିଂ ବେହେରା। ତେବେ କାହିଁକି ଏମାନେ ବନ୍ଧୁକ ରଖିଥିଲେ ? କେବେଠାରୁ ଏହାକୁ ରଖିଥିଲେ ? କେଉଁଠାରୁ ଆଣିଥିଲେ ? ଆଦି ତମାମ୍ ପ୍ରସଙ୍ଗରେ ତଦନ୍ତ ଜାରି ରହିଥିବା କଟକ ଡିସିପି ଋଷିକେଶ ଖିଲାରୀ କହିଛନ୍ତି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ସ୍‌ରେ ଅଢ଼େଇ ବର୍ଷର ଶିଶୁକନ୍ୟା




**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ସ୍‌ରେ ସ୍ଥାନ ପାଇଛନ୍ତି ଗଞ୍ଜାମ ଜିଲ୍ଲାର ୨ ବର୍ଷ ୬ ମାସର ଶିଶୁକନ୍ୟା ଆରାଧ୍ୟ ବେହେରା । ଖଲ୍ଲିକୋଟ ବ୍ଲକ୍ ଦାନପୁର ପଞ୍ଚାୟତ ଦେଢ଼ କରଞ୍ଜରା ଗ୍ରାମର ବନବାସ ବେହେରା ଓ କୁମାରୀ ବେହେରାଙ୍କ ନାତୁଣୀ ଆରାଧ୍ୟା ଏତେ କମ୍ ବୟସରେ ନିର୍ଭୁଲ୍ ଭାବରେ ଭାରତର ୨୮ଟି ରାଜ୍ୟ ଓ ରାଜଧାନୀର ନାମ କହିବା ସହ ୮ଟି ଗ୍ରହ, ୫ଟି ଋତୁ, ସମସ୍ତ ମାସ ଓ ବାର କହିପାରୁଛନ୍ତି । ସେହିପରି ନିର୍ଦ୍ଧାରିତ ସମୟରେ ୧ ରୁ ୩୦ ଯାଏଁ କହିପାରୁଥିବା ବେଳେ ୧୨ଟି ପର୍ବର ନାମ କହିପାରୁଛନ୍ତି । ଆରାଧ୍ୟାଙ୍କ ଏଭଳି ପ୍ରତିଭାକୁ ନେଇ ତାଙ୍କ ପରିବାର ଲୋକେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ ପାଇଁ ଆବେଦନ କରିଥିଲେ । ଇଣ୍ଡିଆ ବୁକ୍ ରେକର୍ଡ଼ କର୍ତ୍ତୃପକ୍ଷ ଏହି ଆବେଦନକୁ ଯାଞ୍ଚ କରିବା ପରେ ଆରାଧଙ୍କ ଆଇବିଆର୍ ଆଚିଭର ଭାବେ ନାମିତ କରିବା ସହ ମେଡ଼ାଲ୍ ସହ ଆୱାର୍ଡ଼ ପ୍ରଦାନ କରିଥିଲେ । ଆରାଧ୍ୟାଙ୍କ ବାପା ବୁଲୁ ବେହେରା, ମାଆ ପ୍ରିୟଙ୍କା ଓ ମାମୁଁ ସନ୍ତୋଷ ବେହେରା ତାଙ୍କୁ ବିଭିନ୍ନ ସମୟରେ ଶିକ୍ଷା ଦେଇଥିବା ବେଳେ ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ଟାଟା ଷ୍ଟିଲ୍ କଳିଙ୍ଗନଗରରୁ ପ୍ରଥମ ବ୍ୟାଚ୍ ଗାଲଭାନାଇଜଡ଼୍ କଏଲ୍ ପରିବହନ ଆରମ୍ଭ

**କଳିଙ୍ଗନଗର, ନ୍ୟୁଜ୍ ବ୍ୟୁରୋ**

ଟାଟା ଷ୍ଟିଲ୍ କଳିଙ୍ଗନଗରର ନୂତନ ଏବଂ ଅତ୍ୟାଧୁନିକ କଣ୍ଟିନିଅସ୍ ଗ୍ୟାଲଭାନାଇଜିଂ ଲାଇନ୍ (ସିଜିଏଲ-୧) ରୁ କୋଲ୍ଡ ରୋଲିଂ ମିଲ୍ କମ୍ପ୍ଲେକ୍ସରେ ପ୍ରଥମ ବ୍ୟାଚ୍ ଗ୍ୟାଲଭାନାଇଜଡ଼୍ କଏଲ୍ ସଫଳତାର ସହିତ ଉତ୍ପାଦନ କରାଯାଇଛି। ପ୍ରଥମ ବ୍ୟାଚ୍ ଗ୍ୟାଲଭାନାଇଜଡ଼୍ କଏଲ୍ ପରିବହନ ସମୟରେ ଟାଟା ଷ୍ଟିଲ୍ କଳିଙ୍ଗନଗରର (ଅପରେସନ୍ସ) ଜେନେରାଲ୍ ମ୍ୟାନେଜର କରମବୀର ସିଂହ ଏହାକୁ ଉଦ୍‌ଘାଟନ କରିଥିବାବେଳେ ଟାଟାଷ୍ଟିଲ୍ କଳିଙ୍ଗନଗର ଶ୍ରମିକ ୟୁନିଅନ୍‌ର ଅଧ୍ୟକ୍ଷ



ରବିନ୍ଦ୍ର କୁମାର ଜାମୁଦା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହା ବିଶେଷକରି ଅଟୋମୋଟିଭ୍ ଏବଂ ଉପକରଣ କ୍ଷେତ୍ର ପାଇଁ ଟାଟା ଷ୍ଟିଲ୍‌ର ଦକ୍ଷତା ବୃଦ୍ଧିରେ ଏକ ବଡ଼ ପଦକ୍ଷେପ ଅଟେ। ଏହି ଉନ୍ନତ କଣ୍ଟିନିଅସ୍ ଗ୍ୟାଲଭାନାଇଜିଂ ଲାଇନ୍ ଟେକ୍ନୋଲୋଜିରେ ତୃତୀୟ-ପିଢ଼ୀର ଏୟାର-ନାଇଫ୍ ସହିତ ମ୍ୟାଗ୍ନେଟିକ୍ ଷ୍ଟେବିଲାଇଜର୍, ଅକ୍ସିଡେସନ୍ ଚେମ୍ବର୍ ଏବଂ ଶ୍ରେଷ୍ଠ ଶ୍ରେଣୀର ସେକେଣ୍ଡାରୀ କୋଟିଂସ୍ ସମ୍ମିଳିତ ହୋଇଛି। ଏହି ବିଶେଷତାଗୁଡ଼ିକ ଉଚ୍ଚ-ଗୁଣବତ୍ତା ଯୁକ୍ତ ଅଟୋମୋଟିଭ୍ ଷ୍ଟିଲ୍, ଯାହା ଆଧୁନିକ ଏବଂ ଉଚ୍ଚ ଶକ୍ତି ସମ୍ପନ୍ନ ଷ୍ଟିଲ୍ (ଏଏଚ୍‌ଏସ୍‌ଏସ୍) ଅନ୍ତର୍ଭୁକ୍ତ, ଉତ୍ପାଦନ କରିବାରେ ସକ୍ଷମ କରେ ଯାହା ଅସାଧାରଣ ସ୍ଥିରତା ଏବଂ ବିଶ୍ୱସନୀୟତା ନିଶ୍ଚିତ କରେ। ଟାଟା ଷ୍ଟିଲ୍ ମାର୍କେଟିଂ ଓ ସେଲ୍ସ (ଫ୍ଲାଟ୍ ପ୍ରଡକ୍ଟସ୍) ଉପାଧ୍ୟକ୍ଷ, ପ୍ରଭାତ କୁମାର କହିଛନ୍ତି: 'କଳିଙ୍ଗନଗରର ନୂତନ କଣ୍ଟିନିଅସ୍ ଗ୍ୟାଲଭାନାଇଜିଂ ଲାଇନ୍ (ସିଜିଏଲ-୧) ଉନ୍ନତ କୋଟେଡ୍ ଉତ୍ପାଦ ଉତ୍ପାଦନ ପାଇଁ ଡିଜାଇନ୍ କରାଯାଇଛି, ଯାହା ଉତ୍କୃଷ୍ଟ ସର୍ଫେସ୍ ଫିନିଶ୍, ଫର୍ମେବିଲିଟି ଏବଂ କରୋସନ୍ ପ୍ରତିରୋଧ କ୍ଷମତା ସହିତ ଅଟୋମୋଟିଭ୍ ଓ ଉପକରଣ କ୍ଷେତ୍ରରେ ଆବଶ୍ୟକତାକୁ ପୂରଣ କରିବ।



**ଭୁବନେଶ୍ୱର:** ଜୟଦେବ ଭବନରେ ଦୂରଦର୍ଶୀ ପତ୍ରିକାର ୧୭ତମ ସ୍ୱନକ୍ଷତ୍ର ଉତ୍ସବରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଦୀପ କୁମାର ଦେହୁରୀଙ୍କୁ ଦୂରଦର୍ଶୀ ସମ୍ମାନ-୨୦୨୫ରେ ସମ୍ମାନିତ କରୁଛନ୍ତି ମୁଖ୍ୟଅତିଥି ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ପଦ୍ମବିଭୂଷଣ ସୁଦର୍ଶନ ସାହୁ ଓ ଅନ୍ୟମାନେ **(ଫଟୋ:ସମ୍ବାଦ କଳିକା)**

# ଖୋର୍ଦ୍ଧା ରେଳ ମଣ୍ଡଳ ପକ୍ଷରୁ ସଫେଇ ପଦକ୍ଷେପ




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଶେଷ ଅଭିଯାନ କର୍ମଚାରୀ ଓ ଯାତ୍ରୀଙ୍କର ସଚେତନତା, କାର୍ଯ୍ୟାନୁଷ୍ଠାନ ଓ ଅଂଶଗ୍ରହଣ ଉପରେ ଗୁରୁତ୍ୱ ଦେଉଛି ଦେଶବ୍ୟାପୀ ସ୍ୱଚ୍ଛ ରେଳ ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ, ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଏହାର କ୍ଷେତ୍ରାଧିକାରରେ ଏକ ବ୍ୟାପକ ସଫେଇ ଅଭିଯାନ ଆରମ୍ଭ କରିଛି । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ରେଳ କର୍ମଚାରୀ ଏବଂ ଜନସାଧାରଣଙ୍କ ମଧ୍ୟରେ ସ୍ୱଚ୍ଛତା, ସଚେତନତା ଏବଂ ସହଭାଗୀ ଦାୟିତ୍ୱର ସଂସ୍କୃତିକୁ ପ୍ରୋତ୍ସାହିତ କରିବା । ପରିମଳ, ଅଳିଆ ପୃଥକୀକରଣ ଏବଂ ପରିବେଶ ଅନୁକୂଳ ନିଷ୍କାସନ ପଦ୍ଧତିରେ ସର୍ବୋତ୍ତମ ଅଭ୍ୟାସକୁ ସୁଦୃଢ଼ କରିବା ପାଇଁ ସଫେଇ କର୍ମଚାରୀ, ରେଳ ବ୍ୟବହାରକାରୀ ଏବଂ ରେଳ କର୍ମଚାରୀଙ୍କ ପାଇଁ ଏକ ଉତ୍ସର୍ଗୀକୃତ ସଫେଇ ସଚେତନତା କର୍ମଶାଳା ଆୟୋଜନ କରାଯାଇଥିଲା । ଅଧିବେଶନରେ ରେଳ ପରିସରରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ବ୍ୟାପକ ସଫେଇ ଏବଂ ପ୍ରତିରୋଧକ ପଦକ୍ଷେପର ଗୁରୁତ୍ୱ ସମ୍ବନ୍ଧରେ ଗୁରୁତ୍ୱାରୋପ କରାଯାଇଥିଲା । ଷ୍ଟେସନ୍ ପରିସର, କାର୍ଯ୍ୟାଳୟ ପ୍ରତିଷ୍ଠାନ, ରେଳ ଟ୍ରାକ୍, ପ୍ଲାଟ୍‌ଫର୍ମ ଏବଂ ଚଳପ୍ରଚଳ (ସର୍କୁଲେଟିଂ) ଅଞ୍ଚଳ, ରେଳ କଲୋନୀ ଇତ୍ୟାଦିକୁ ନେଇ ଏକ ବଡ଼ ଧରଣର ସଫେଇ ଅଭିଯାନ କରାଯାଉଛି । ରେଳମଣ୍ଡଳର ସମସ୍ତ ପ୍ରାନ୍ତରେ ରେଳ କର୍ମଚାରୀ, ହାଉସ୍ କିପିଙ୍ଗ କର୍ମଚାରୀ ଏବଂ ସ୍ୱେଚ୍ଛାସେବକଙ୍କ ଦଳ ସଫେଇ କାର୍ଯ୍ୟରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ସହ ଅଧିକ ଗୁରୁତ୍ୱାରୋପ ଥିବା ସ୍ଥାନମାନଙ୍କରେ ଏବଂ ଆବାସିକ ରେଳ ଅଞ୍ଚଳ ଗୁଡିକରେ ସମ୍ପୂର୍ଣ୍ଣ ଭାବରେ ଧ୍ୟାନ ଦେବାକୁ ସୁନିଶ୍ଚିତ କରାଯାଇଛି ।

# ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି

**ବେଲପଡ଼ା, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ବେଲପଡ଼ା ବିଡ଼ିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ସ୍ଥାନୀୟ କୋଶଳ ରାଜ୍ୟମୁକ୍ତି ମୋର୍ଚ୍ଚାର ସଦସ୍ୟମାନେ ଦାବିପତ୍ର ପ୍ରଦାନ କରିଛନ୍ତି । ପଶ୍ଚିମ ଓଡ଼ିଶାର ୧୧ଟି ଜିଲ୍ଲାର ୮୮ଟି ବ୍ଲକରେ ପ୍ରାୟ ୨ କୋଟି ଜନସାଧାରଣବର୍ଗ ବାସ କରୁଛନ୍ତି ଓ ଅନୁସୂଚିତଜାତି ଓ ଅନୁସୂଚିତ ଜନଜାତି ବହୁଳ ଅଚଳ ହୋଇଥିବା ସତ୍ତ୍ୱେ ରାଜ୍ୟ ସରକାର ପ୍ରତିଟି କ୍ଷେତ୍ରରେ ବୈମାତୃକ ମନୋଭାବ ପ୍ରତି ଆବଶ୍ୟକ ସୁବିଧା ସୁଯୋଗରୁ ବଞ୍ଚିତ କରିଆସୁଛନ୍ତି ଓ ଗତ ୬ ଦଶନ୍ଧି ହେଲା ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଦାବି ହୋଇ ଆସୁଛି ।



କିନ୍ତୁ ରାଜ୍ୟ ସରକାର ହେୟଜ୍ଞାନ କରୁଛନ୍ତି । ଭାରତ ବର୍ଷର ଅନ୍ୟ ରାଜ୍ୟରେ ଆବଶ୍ୟକ ଅନୁଯାୟୀ ହାଇକୋର୍ଟ ବେଞ୍ଚ ସ୍ଥାପନ ହେଉଥିବା ବେଳେ ପଶ୍ଚିମ ଓଡ଼ିଶା ପ୍ରତି ବୀମାତାର ପୁତ୍ର ପରି ଆଚରଣ କରାଯାଇଛି ଓ ଦୀର୍ଘ ଦିନର ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ଉଠୁଛି କିନ୍ତୁ ପୂର୍ବତନ ରାଜ୍ୟ ସରକାର ପଶ୍ଚିମ ଓଡ଼ିଶା ପ୍ରତି ଆସିସୁତା ପ୍ରକାଶ କରି କୌଣସି ପଦକ୍ଷେପ ନେଲେନାହିଁ ଓ ସେତେବେଳେ ସବୁଠି ଆନ୍ଦୋଳନ ପରେ ବି ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହୋଇପାରିଲାନାହିଁ । ପ୍ରକାଶଥାଉକି ମୁଖ୍ୟ ହାଇକୋର୍ଟ କଟକରେ ରହିଥିବାରୁ ପଶ୍ଚିମ ଓଡ଼ିଶାବାସୀଙ୍କୁ ୪ ଶହରୁ ଉର୍ଦ୍ଧ୍ୱ କି.ମି. ଅତିକ୍ରମ କରିବାକୁ ପଡୁଛି। ଯାହାଦ୍ୱାରା ପଶ୍ଚିମ ଓଡ଼ିଶାବାସୀଙ୍କୁ ଖର୍ଚ୍ଚାନ୍ତ ଓ ହଇରାଣ ହେବାକୁ ପଡୁଛି । ଗରିବ ଶ୍ରେଣୀର ଲୋକ ତଥା ଆଦିବାସୀ ବର୍ଗ ପଛୁଆ ବର୍ଗ ଅନୁସୂଚିତ ଜାତି ବର୍ଗ ଖର୍ଚ୍ଚାନ୍ତ ହେବା ସହ ନ୍ୟାୟ ପାଇବାରୁ ବଞ୍ଚିତ ହେବାକୁ ପଡୁଛି । ପଶ୍ଚିମ ଓଡ଼ିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିକୁ ନେଇ ପୂର୍ବରୁ ଓକିଲ ସଂଘ ସହ ପଶ୍ଚିମ ଓଡ଼ିଶାର ବିଭିନ୍ନ ସଂଗଠନ, ରାଜ୍ୟ ନୈତିକ ଦଳ ସମର୍ଥନ କରି ଆସୁଛନ୍ତି ଓ କିଛି ସୁଫଳ ପାଇଲେ ନାହିଁ, ଏଣୁ ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ଥିବାରୁ ଏକ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଆଗତକରି ମତ ସ୍ପଷ୍ଟ ରଖି ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ଉଠିଛି । ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବେଲପଡ଼ା ବିଡ଼ିଓ ରାଜେଶ ମେହେରଙ୍କୁ ସ୍ଥାନୀୟ କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା କର୍ମକର୍ତ୍ତା ମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ହାଇକୋର୍ଟ ବିଚାରପତିଙ୍କୁ ଭେଟିଲେ ଜିଲ୍ଲା ଓକିଲ ସଂଘ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘର କର୍ମକର୍ତ୍ତାମାନେ ଉଚ୍ଚ ନ୍ୟାୟାଳୟରେ ନୂତନ ଭାବେ ନିଯୁକ୍ତି ପାଇଥିବା ଆଡମିନ୍‌ଷ୍ଟ୍ରେଟିଭ୍ ବିଚାରପତି ସଂଜୟ କୁମାର ମିଶ୍ରଙ୍କୁ ଭେଟି ସମ୍ବର୍ଦ୍ଧନା ଦେବା ସହ ଜିଲ୍ଲା ଓକିଲ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହାକୁ ସମାଧାନ କରିବା ପାଇଁ ଜିଲ୍ଲା ଓକିଲ ସଂଘ ସଭାପତି ଗୋବର୍ଦ୍ଧନ ରାଉତ, ସମ୍ପାଦକ ନୃସିଂହ ଚରଣ ରାଉତ ଅନୁରୋଧ କରିଛନ୍ତି । ଏହି ଆଲୋଚନା ସମୟରେ ଉପସଭାପତି ହାଡ଼ିବନ୍ଧୁ ସିଂହ, ସହ ସମ୍ପାଦକ ବିନୋଦ କୁମାର ବେହେରା, ଦିନେଶ ରାୟଙ୍କ ସହିତ ଜିଲ୍ଲା ଓକିଲ ସଂଘର ସଭ୍ୟ/ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ ।



# ଭିଜିଲାନ୍ସ ଜାଲରେ ସେଟଲ୍‌ମେଣ୍ଟ କାର୍ଯ୍ୟାଳୟର ନଥି ରକ୍ଷକ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଭୂ ବନ୍ଦୋବସ୍ତ ବା ସେଟେଲ୍‌ମେଣ୍ଟ କାର୍ଯ୍ୟାଳୟର ନଥି ରକ୍ଷକ ହାଡ଼ିବନ୍ଧୁ ବେହେରାଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି । ଅଭିଯୋଗକାରୀ ଶୁଶୀଲ ମହାନ୍ତଙ୍କ ଠାରୁ ୩,୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଖବରପାଇ କେନ୍ଦୁଝର ଭିଜିଲାନ୍ସ ଡିଏସ୍‌ପି ସୁଧାଂଶୁ ଶେଖର ପୂଜାରୀଙ୍କ ନେତୃତ୍ୱରେ ଗଠିତ ଟିମ୍ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅନ୍ତର୍ଗତ ଚିନାମଳିପଶି ଗ୍ରାମର ସୁଶୀଲ ମହାନ୍ତ ତାଙ୍କ ପୈତୃକ ଜାଗାକୁ ତାଙ୍କ ବଡଭାଇଙ୍କ ପୁଅ ଏକନାମୀ ପଟ୍ଟା କରିବା ପରେ ସୁଶୀଲଙ୍କର କୌଣସି ସତ୍ତ୍ୱ ନରହିବାରୁ ସେ ତାଙ୍କର ବିବାଦୀୟ ପୈତୃକ ଜମି ସମ୍ବନ୍ଧରେ ପ୍ରମାଣିତ କପି ପ୍ରଦାନ କରିବା ପାଇଁ ଜୁଲାଇ ୪ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଭୁବନ୍ଦୋବସ୍ତ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ସୁଶୀଲ ମହାନ୍ତ ଜଣେ ବୃଦ୍ଧ ବ୍ୟକ୍ତି ହୋଇଥିବା ବେଳେ ସେ ଜଣେ ଅତି ଗରିବ ଚାଷୀ । ଏହି ନକଲ ସେ ଆଇନଜୀବୀ କୃଷ୍ଣଚନ୍ଦ୍ର



ମହାନ୍ତଙ୍କ ମାଧ୍ୟମରେ ଆବେଦନ କରିଥିଲେ। ଅଭିଯୁକ୍ତ ହାଡ଼ିବନ୍ଧୁ ବେହେରାଙ୍କୁ ଉପରୋକ୍ତ ଡକ୍ୟୁମେଣ୍ଟ ପ୍ରଦାନ କରିବାକୁ ବାରମ୍ବାର ଅନୁରୋଧ କରିବା ପରେ ଶ୍ରୀ ବେହେରା ଅଭିଯୋଗକାରୀଙ୍କ ଠାରୁ କାଗଜପତ୍ର ଯୋଗାଇବା ପାଇଁ ପ୍ରଥମେ ୩ ହଜାର ୪ ଶହ ଓ ପରେ ୩ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ ଏବଂ ଦାବି କରାଯାଇଥିବା ଲାଞ୍ଚ ନଦେଲେ କପି ଦେବାକୁ ସିଧା ସିଧା ମନା କରିଦେଇଥିଲେ। ମଙ୍ଗଳବାର ଶୁଶୀଲ ୨ ହଜାର ଟଙ୍କା ଦେଇଥିଲେ ମଧ୍ୟ ହାଡ଼ିବନ୍ଧୁ ଏହାକୁ ଫେରାଇ ଦେଇ ରେକର୍ଡ ଦେବାକୁ ମନା କରିଦେଇଥିଲେ। ଅନ୍ୟ କୌଣସି ବିକଳ୍ପ ନପାଇ, ଅଭିଯୋଗକାରୀ ତାଙ୍କ ହଇରାଣ ବିଷୟରେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ଅଧିକାରୀମାନେ ବୁଧବାର ଅଭିଯୁକ୍ତ ଶ୍ରୀ ବେହେରାଙ୍କୁ ତାଙ୍କ କାର୍ଯ୍ୟାଳୟରେ ଅଭିଯୋଗକାରୀଙ୍କ ଠାରୁ ୩ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିଥିବା ବେଳେ ଗିରଫ କରିଥିଲେ। ଅଭିଯୁକ୍ତ ଶ୍ରୀ ବେହେରାଙ୍କ କବ୍‌ଜାରୁ ସମ୍ପୂର୍ଣ୍ଣ ଲାଞ୍ଚ ରାଶି ଉଦ୍ଧାର କରାଯାଇ ଜବତ କରାଯାଇଛି ବୋଲି ଭିଜିଲାନ୍ସ ଡିଏସ୍‌ପି ଶ୍ରୀ ପୂଜାରୀ ପ୍ରକାଶ କରିଛନ୍ତି। ଶ୍ରୀ ବେହେରାଙ୍କ ସହିତ ଜଡିତ ଦୁଇଟି ସ୍ଥାନରେ ଏକକାଳୀନ ତଲାସ୍ ଚାଲିଛି। ଏ ସମ୍ପର୍କରେ, ବାଲେଶ୍ୱର ଭିଜିଲାନ୍ସ ମାମଲା ନଂ.୦୮/୨୦୨୫, ୭ ପିସି (ସଂଶୋଧନ) ଆଇନ୍, ୨୦୧୮ ଅନୁଯାୟୀ ଅଭିଯୁକ୍ତ ଶ୍ରୀ ବେହେରା, ବିରୁଦ୍ଧରେ ରୁଜୁ କରାଯାଇଛି। ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।




# କାର୍ଯ୍ୟସ୍ଥଳରେ ଯୌନ ନିର୍ଯାତନା ରୋକିବାକୁ ନିର୍ଦ୍ଦେଶ

**ବାଲେଶ୍ୱର, ନ୍ୟୁଜ୍**

କାର୍ଯ୍ୟସ୍ଥଳ ଓ କାର୍ଯ୍ୟାଳୟରେ ମହିଳାଙ୍କ ଉପରେ ଯୌନ ନିର୍ଯାତନାର ପ୍ରତିବନ୍ଧ ଓ ପ୍ରତିକାର ସମ୍ବନ୍ଧୀୟ ଆଇନ୍ ସଂପର୍କିତ ଜନଚେତନା ବୃଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଶିବିର ବାଲେଶ୍ୱର ଜିଲ୍ଲାପାଳ କାର୍ଯ୍ୟାଳୟ ଅଡିଟୋରିଅମ୍‌ରେ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା ଜିଲ୍ଲାପାଳ ସୁର୍ଯ୍ୟବଂଶୀ ମୟୂର ବିକାଶ କରିଥିଲେ। ଏଥିରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାଲେଶ୍ୱର, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ଓ ସମସ୍ତ ବିଡିଓ ଓ ଆଭ୍ୟନ୍ତରୀଣ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା କାର୍ଯ୍ୟାଳୟରେ ଯୌନ ଶୋଷଣର ପ୍ରତିରୋଧ, ପ୍ରତିବନ୍ଧକ ଓ ପ୍ରତିକାର ଏହି ତିନି ମୂଳ ମନ୍ତ୍ରକୁ ଆଧାର କରି, କାର୍ଯ୍ୟସ୍ଥଳକୁ ସୁରକ୍ଷିତ ଓ ସମ୍ମାନଜନକ ଅନୁଭବ କରାଯିବା। ଅତିରିକ୍ତ କାର୍ଯ୍ୟପାଳକ ଅଧିକାରୀ ଓ ଉପଜିଲ୍ଲାପାଳ, ନିଳଗିରି ଡଃ ମଧୁସ୍ମିତା ସାମନ୍ତରାୟ ମାଷ୍ଟର ଟ୍ରେନ୍‌ର ଭାବେ ଏହି ଶିବିରରେ ସ୍ପଷ୍ଟ ଓ ସୂଚନାମୂଳକ ପ୍ରସ୍ତୁତି ଦେଇଥିଲେ। ଏହା ମାଧ୍ୟମରେ ଅଂଶଗ୍ରାହୀମାନେ ନିଜର କାର୍ଯ୍ୟଦାୟିତ୍ୱ ଓ ଆଇନ୍ ପ୍ରବନ୍ଧନ ବିଷୟରେ ଜ୍ଞାନ ଓ ପ୍ରଶିକ୍ଷଣ ଲାଭ କରିଥିଲେ। ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ଏହି ଅବସରରେ ଜିଲ୍ଲା ପ୍ରଶାସନର ପ୍ରତିବଦ୍ଧତା ପ୍ରକାଶ କରି ମହିଳାଙ୍କ ପାଇଁ ଏକ ନିରାପଦ କାର୍ଯ୍ୟ ପରିବେଶ ନିର୍ମାଣରେ ଶକ୍ତ ଭୂମିକା ନିର୍ବାହ କରିବା ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି ଶିବିରରେ ବାଲେଶ୍ୱର ଜିଲ୍ଲାରେ ସରକାରୀ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସଂସ୍ଥା ଗୁଡିକରେ ଏକ ସୁରକ୍ଷିତ ଓ ଲିଙ୍ଗ ସମ୍ବେଦନଶୀଳ କାର୍ଯ୍ୟସ୍ଥଳ ଭାବରେ ବିକଶିତ କରିବା ଦିଗରେ ବିବିଧ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୮।୮।୨୦୨୫, ଶ୍ରାବଣ ଦି୨୪ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୨୪।୨୪ ଚନ୍ଦ୍ରୋଦୟ- ସଂଘ ୫।୪୯।୧୧**

**ଚତୁର୍ଦ୍ଦଶୀ-** ଦିଘ ୨।୧୨ ପର୍ଯ୍ୟନ୍ତ। **ଉତ୍ତରାଷାଢ଼ା ନକ୍ଷତ୍ର-** ଦିଘ ୨।୨୭ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** ସିଂହ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପୂର୍ଣ୍ଣିମାର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ଦିଘ ୨।୧୨ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୮ ଗତେ ଘ ୬।୧୯ ମଧ୍ୟେ । ଦିଘ ୧୨।୧୮ ଗତେ ଘ ୨।୫୧ ମଧ୍ୟେ । **ପର୍ବୋତ୍ସବ-** ପୂର୍ଣ୍ଣିମା ବିହିତ ଚନ୍ଦ୍ର ଉପବାସ ।


**ମେଷ:** କର୍ମକ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରିବେ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଆନନ୍ଦ ଦେଖାଦେବ। ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ହେବ। ମନ ଭଲ ରହିବ ।


**ବୃଷ:** ଶରୀର ସୁସ୍ଥ ରହିବ। ପରିଶ୍ରମର ପରିମାଣ ବଢ଼ିବ। ଅଯଥାରେ ଦୂରକୁ ଯାତ୍ରା କରିପାରନ୍ତି। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି।


**ମିଥୁନ:** ବ୍ୟବସାୟରେ ଲାଭବାନ୍ ହେବେ। ହଠାତ୍ କୌଣସି ଖବର ପାଇ ଚିନ୍ତିତ ହୋଇପାରନ୍ତି। ରୋଜଗାର ଭଲ ହେବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା। ବନ୍ଧୁ ଦର୍ଶନ।


**କର୍କଟ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। କର୍ମକ୍ଷେତ୍ରରେ ଅସନ୍ତୋଷ ଦେଖାଦେଇପାରେ। ଦେହ ଓ ମନ ଭଲ ରହିବ। ଆର୍ଥିକ ସ୍ଥିତି ଭଲ ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା।


**ସିଂହ:** ଆଜି ଆପଣଙ୍କର ଘାତଚନ୍ଦ୍ର। ଏଣୁ ସାବଧାନତା ଅବଲମ୍ବନୀୟ। ସତ କଥା କହି ନିଜର ଲୋକଙ୍କ ପାଖେ ବିରୋଧି ହୋଇପାରନ୍ତି। ଖର୍ଚ୍ଚର ପରିମାଣ ବଢ଼ିବ। ଘରେ କଳହ ଦେଖାଦେଇପାରେ।


**କନ୍ୟା:** ଯଶ ଖ୍ୟାତି ଲାଭ ହେବ। କର୍ମକ୍ଷେତ୍ରରେ ସଫଳତା ଦେଖାଦେବ। ରୋଜଗାର ମଧ୍ୟମ ଧରଣର ହେବ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ଘରେ ଆନନ୍ଦ ଦେଖାଦେବ। ଭ୍ରମଣ ଯୋଗ ।


**ତୁଳା:** ଦୂର ସ୍ଥାନକୁ ଯାତ୍ରା କରିବେ। ଗୁରୁଜନଙ୍କ ପରାମର୍ଶ କ୍ରମେ କାର୍ଯ୍ୟ କଲେ ଉତ୍ତମ ଫଳ ଲାଭ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।


**ବିଛା:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ। ବନ୍ଧୁ ସାହାଯ୍ୟ ସହଯୋଗ ପ୍ରାପ୍ତ କରିବେ। ମନ ଭଲ ରହିବ। ଉତ୍ତମ ଭୋଜନ କରିପାରନ୍ତି। ରୋଜଗାର ସ୍ଥିର ରହିବ। ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା ।


**ଧନୁ:** ବ୍ୟବସାୟ ମଧ୍ୟମ ଧରଣର ଚାଲିବ। ଆୟ ଅପେକ୍ଷା ବ୍ୟୟର ମାତ୍ରା ବଢ଼ିବ। ପାରିବାରିକ ଚିନ୍ତା ମନକୁ ଭାରାକ୍ରାନ୍ତ କରିବ। ମହିଳାମାନେ ଗର୍ବୀ ହେବେ। ମନ ଅସ୍ଥିର ରହିବ ।


**ମକର:** ଆଜି ଆପଣଙ୍କର ଦିନଟି ଭଲରେ କଟିବ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ଚାକିରୀ କ୍ଷେତ୍ରରେ ସଫଳତା ହାସଲ କରିବେ। ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ଗୃହେ ଆନନ୍ଦ ଦେଖାଦେବ।


**କୁମ୍ଭ:** ଶତ୍ରୁ ନାଶ ହେବେ। ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଜୀବନ ସୁଖମୟ ହେବ। ଦେବ ଦର୍ଶନ ସହ ସେବା ପୂଜା ମଧ୍ୟ କରିପାରନ୍ତି।


**ମୀନ:** ମନ ପ୍ରସନ୍ନ ରହିବ। ନୂତନ କର୍ମ ଆରମ୍ଭ ହୋଇପାରେ। ରୋଜଗାର ଭଲ ହେବ। ମହିଳାମାନେ ସୁଖୀ ହେବେ। ପରିବାରରେ ସୁଖ ଶାନ୍ତି ରହିବ। ବନ୍ଧୁଙ୍କ ସହ ଆମୋଦ ପ୍ରମୋଦରେ ଦିନଟି ବିତିପାରେ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୯।୮।୨୦୨୫, ଶ୍ରାବଣ ଦି୨୫ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୨୫।୦୬ ଚନ୍ଦ୍ରୋଦୟ- ସଂଘ ୬।୩୨।୧୩**

**ପୂର୍ଣ୍ଣିମା-** ଦିଘ ୧।୧୫ ପର୍ଯ୍ୟନ୍ତ। **ଶ୍ରବଣା ନକ୍ଷତ୍ର-** ଦିଘ ୨।୨୩ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ରଘ ୨।୧୦ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର। ରଘ ୨।୧୦ ଗତେ ମେଷ, କର୍କଟ, ସିଂହ, ତୁଳା, ବିଛା, ମକର ଓ କୁମ୍ଭ ରାଶିର। **ଘାତ ଚନ୍ଦ୍ର-** ସିଂହ ରାଶିର। ରଘ ୨।୧୦ ଗତେ ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପ୍ରତିପଦର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ଦିଘ ୧।୨୫ ପରେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୬ ଗତେ ଘ ୧୧।୦୯ ମଧ୍ୟେ । ରାଘ ୮।୩୦ ଗତେ ଘ ୧୦।୪୪ ମଧ୍ୟେ । **ପର୍ବୋତ୍ସବ-** ଗହ୍ମା ପୂର୍ଣ୍ଣିମା, ରକ୍ଷା ବନ୍ଧନ, ସଂସ୍କୃତ ଦିବସ, ଉତ୍କଳେ ଝୁଲଣ ଶେଷ, ସ୍ୱାଭବକବି ଓ ନିଗମାନନ୍ଦ ଜୟନ୍ତୀ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଯୁଦ୍ଧ ଯୋଗୁଁ କମୁଛି ଜନସଂଖ୍ୟା

୨୦୧୧ ମସିହାରେ ବିଶ୍ୱର ମୋଟ୍ ଜନସଂଖ୍ୟା ୭ ଶହ କୋଟି ଥିଲା । ମାତ୍ର ୧୪ ବର୍ଷ ମଧ୍ୟରେ ଏହି ସଂଖ୍ୟା ଆହୁରି ଶହେ କୋଟି ବୃଦ୍ଧି ପାଇଛି । ଜାତିସଂଘ ଆକଳନ କରିଛି ଯେ ଆଗାମୀ ବର୍ଷଗୁଡ଼ିକରେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବ । ଜାତିସଂଘ ରିପୋର୍ଟ ଅନୁଯାୟୀ, ୨୦୩୦ ସୁଦ୍ଧା ବିଶ୍ୱ ଜନସଂଖ୍ୟା ୮.୬ ଅରବ ବା ୮ଶହ ୬୦ କୋଟିରେ ପହଞ୍ଚିବ । ୨୦୫୦ ବେଳେ ଏହି ସଂଖ୍ୟା ୯.୮ ଅରବରେ ପହଞ୍ଚିପାରେ । ୨୧୦୦ ସୁଦ୍ଧା ବିଶ୍ୱ ଜନସଂଖ୍ୟା ୧୧.୨ ଅରବରେ ପହଞ୍ଚିବ ବୋଲି ଆକଳନ କରାଯାଉଛି । ବିଶ୍ୱରେ କିଛି ଦେଶ ଅଛି ଯେଉଁମାନଙ୍କର ଜନସଂଖ୍ୟା ହ୍ରାସ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି । ୟୁକ୍ରେନରେ, ୨୦୨୨ରୁ ୨୦୨୩ ମଧ୍ୟରେ ଅର୍ଥାତ ମାତ୍ର ଗୋଟିଏ ବର୍ଷ ମଧ୍ୟରେ ୮.୧୦ ପ୍ରତିଶତ ହ୍ରାସ ରେକର୍ଡ କରାଯାଇଛି । ଜନସଂଖ୍ୟାରେ ଏହି ହ୍ରାସ ପଛରେ ମୁଖ୍ୟ କାରଣ ହେଉଛି ଦେଶରେ ଚାଲିଥିବା ଯୁଦ୍ଧ, ଯେଉଁଥିରେ ହଜାର ହଜାର ଲୋକ ପ୍ରାଣ ହରାଇଥିଲେ ଏବଂ ବହୁ ସଂଖ୍ୟକ ନାଗରିକ ଅନ୍ୟ ଦେଶକୁ ଚାଲିଯାଇଥିଲେ । ଜାପାନର ଜନସଂଖ୍ୟା ମଧ୍ୟ ୦.୫୦ ପ୍ରତିଶତ ହ୍ରାସ ପାଇଛି । ହେଲେ ଏଠାରେ ପରିସ୍ଥିତି ସାମାନ୍ୟ ଭିନ୍ନ । ଅନ୍ୟ ଦେଶରେ ପ୍ରବାସ ଏବଂ ଯୁଦ୍ଧ ଜନସଂଖ୍ୟା ହ୍ରାସର କାରଣ ହୋଇଥିବା ବେଳେ, ଜାପାନରେ କେବଳ କମ୍ ଜନ୍ମହାର ଜନସଂଖ୍ୟା ହ୍ରାସର କାରଣ । ସରକାରଙ୍କ ଦ୍ୱାରା ଅନେକ ପ୍ରୋତ୍ସାହନ ଯୋଜନା ଆରମ୍ଭ ହୋଇଛି, କିନ୍ତୁ ଏହା ସତ୍ତ୍ୱେ ଲୋକମାନେ ସନ୍ତାନ ଜନ୍ମ କରିବାରେ ଆଗ୍ରହ ଦେଖାଉ ନାହାଁନ୍ତି । ୟୁରୋପୀୟ ଦେଶ ଗ୍ରୀସରେ ମଧ୍ୟ ଜନସଂଖ୍ୟା ହ୍ରାସ ରେକର୍ଡ କରାଯାଇଛି । ଗୋଟିଏ ଦିନରେ ସେଠାରେ ୧.୬୦ ପ୍ରତିଶତ ହ୍ରାସ ପରିଲକ୍ଷିତ ହୋଇଛି । ସେହିପରି ସୈନ ମାରିନୋର ଜନସଂଖ୍ୟାରେ ୧.୧୦ ପ୍ରତିଶତ, କୋସୋଭୋର ଜନସଂଖ୍ୟାରେ ୧ ପ୍ରତିଶତ ଏବଂ ବେଲାରୁସର ଜନସଂଖ୍ୟାରେ ୦.୬୦ ପ୍ରତିଶତ ହ୍ରାସ ରେକର୍ଡ କରାଯାଇଛି । ବେଲାରୁସ ସହିତ, ବୋସନିଆ ଏବଂ ଆଲବାନିଆରେ ମଧ୍ୟ ସମାନ ହ୍ରାସ ପରିଲକ୍ଷିତ ହୋଇଛି । ୟୁକ୍ରେନ ଏବେ ବିଶ୍ୱର ଏପରି ଏକ ଦେଶ ପାଲଟିଛି ଯେଉଁଠାରେ ଜନସଂଖ୍ୟା ସବୁଠାରୁ ଦ୍ରୁତ ହାରରେ ହ୍ରାସ ପାଉଛି । ଯୁଦ୍ଧ ଯୋଗୁଁ ସେଠାରେ ହଜାର ହଜାର ଲୋକ ପ୍ରାଣ ହରାଇଥିବା ବେଳେ ବହୁ ସଂଖ୍ୟକ ନାଗରିକ ଆଶ୍ରୟ ନେବାକୁ ଅନ୍ୟ ଦେଶକୁ ଯାଇଛନ୍ତି । ଏହି କାରଣରୁ ମାତ୍ର ଗୋଟିଏ ବର୍ଷ ମଧ୍ୟରେ ଏଠାକାର ଜନସଂଖ୍ୟା ୮ ପ୍ରତିଶତରୁ ଅଧିକ ହ୍ରାସ ପାଇଛି । ଏଠାରେ ନା ଯୁଦ୍ଧ ଅଛି ନା ପ୍ରବାସର କୌଣସି ବଡ଼ ସମସ୍ୟା ଅଛି । ଏହା ସତ୍ତ୍ୱେ ଏଠାରେ ପ୍ରତିବର୍ଷ ଜନସଂଖ୍ୟା ହ୍ରାସ ପାଉଛି । କାରଣ ହେଉଛି ସେଠାକାର ଲୋକଙ୍କ ଜୀବନଶୈଳୀ ଏବଂ ଚିନ୍ତାଧାରା । ଯୁବକମାନେ ବିବାହ କରିବା ଏବଂ ସନ୍ତାନ ଜନ୍ମ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି । ସରକାରଙ୍କ ଦ୍ୱାରା ସମସ୍ତ ସୁବିଧା ଏବଂ ପ୍ରୋତ୍ସାହନ ଯୋଗାଇବା ପରେ ମଧ୍ୟ ପରିସ୍ଥିତିରେ କୌଣସି ପରିବର୍ତ୍ତନ ଦେଖିବାକୁ ମିଳୁନାହିଁ । ଯଦି ମହାଦ୍ୱୀପ କଥା ରହିବା ତେବେ ୟୁରୋପ ଏପରି ଏକ ମହାଦ୍ୱୀପ ଯେଉଁଠାରେ ଜନସଂଖ୍ୟା କ୍ରମାଗତ ଭାବରେ କମିଚାଲିଛି । ଅନ୍ୟପଟେ ଏସିଆର ଜନସଂଖ୍ୟାର ଦ୍ରୁତଗତିରେ ବଢି ଚାଲିଛି । ଭାରତ, ଚୀନ୍, ପାକିସ୍ତାନ ଏବଂ ଇଣ୍ଡୋନେସିଆ ଭଳି ବଡ଼ ବଡ଼ ଦେଶଗୁଡ଼ିକ କାରଣରୁ ହିଁ ଏସିଆ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ମହାଦ୍ୱୀପ ହୋଇପାରିଛି । ଯୁକ୍ତରାଷ୍ଟ୍ର ଅନୁସାରେ, ବର୍ତ୍ତମାନ ଗ୍ରୀସର ଜନସଂଖ୍ୟା ୧୦ ମିଲିଅନ୍ (୧ କୋଟି) ରହିଛି । ହେଲେ ୨୧୦୦ ମସିହା ସୁଦ୍ଧା ଏହା ୯ମିଲିଅନ୍ (୯୦ ଲକ୍ଷ) ହୋଇପାରେ । ସେହିପରେ ରୁଷ୍, ଇଟାଲୀ ଏବଂ ଦକ୍ଷିଣ କୋରିଆ ଭଳି ଦେଶ ଗୁଡ଼ିକରେ ମଧ୍ୟ ଜନସମଖ୍ୟା ହ୍ରାସର ସମସ୍ୟା ଦେଖାଦେଉଛି । ଯଦି ଏହି ଦେଶ ଗୁଡ଼ିକରେ ଜନସଂଖ୍ୟାକୁ ସ୍ଥିର କରିବା ପାଇଁ କୌଣସି ଠୋସ୍ ପଦକ୍ଷେପ ନିଆ ନଯାଏ, ତେବେ ଭବିଷ୍ୟତରେ ଆର୍ଥିକ ଏବଂ ସାମାଜିକ ସମସ୍ୟାର ସାମ୍ନା କରିବାକୁ ପଡ଼ିପାରେ ।



ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ

## ଗୀତାମୃତ ଲହରୀ

ପଞ୍ଚମ ଅଧ୍ୟାୟ
(ମଉନେ ଦେବତା କୁହ-ବୃତ୍ତେ)

ପଞ୍ଚମ ପଣ୍ଡୁ ନନ୍ଦନ,
ସନ୍ଦେହ ମାନସେ ଶ୍ରୀକୃଷ୍ଣଙ୍କ ପାଶେ
ପୁଣି କରିଲେ ପ୍ରଶନ ।ପଦ।
ଯେ କର୍ମ-ସନ୍ନ୍ୟାସ ଜ୍ଞାନର ବିଶେଷ
ପ୍ରଶଂସା କରିଲ ହୋଇଣ ହରଷ,
ଏ ବେନି ମଧ୍ୟରେ କେବା ମୋ ପକ୍ଷରେ
ହୋଇବ ହିତ କାରଣ ?
କହନ୍ତୁ ହେ ନାରାୟଣ,
ବୁଝି ସବୁ ତଥ୍ୟ ନ ହୋଇଣ ବ୍ୟସ୍ତ
କରିବି ସେ ଆଚରଣ ।୧।
ଅର୍ଜ୍ଜୁନର ଗିର ଶୁଣି ରଙ୍ଗାଧର
ବୋଲନ୍ତିରେ ବୀର ନ ହୁଅ ଅଧୀର ।
ସନ୍ନ୍ୟାସର ଅର୍ଥ ଜ୍ଞାନ କର୍ମଟି ନିଷ୍କାମ କର୍ମ,
ଦୁଇଗୋଟି କଥା ଅଟେ ଏକ ପନ୍ଥା
ଜ୍ଞାନୀମାନେ ଏହା ଜାଣ, ଅଜ୍ଞାନ ମଣନ୍ତି ଭିନ୍ନ
ସୁମନେ ଶୁଣ ଅର୍ଜ୍ଜୁନ ।୨।
ନବଦ୍ୱାର ଦେହ ରୂପୀ ନଗରରେ,
ସଂକଳପ ତେଜି ମାତି ଯା କାମରେ ।
ଶୁଦ୍ଧ ହେବୁ ଦିନୁ ଦିନ ନ ଭୋଗିବୁ ପାପ ପୂଣ୍ୟ,
ଜଡ଼ ପରି ତୁହି ନିମିତଟି ହୋଇ
ସରବେ ଦେଖ ସମାନ ଲଭି ବ୍ରହ୍ମଦର୍ଶୀ ଜ୍ଞାନ
ହୁଅ ତୁ ନିର୍ମଳ ମନ, ସୁମନେ ଶୁଣ ଅର୍ଜ୍ଜୁନ ।୩।
(କ୍ରମଶଃ)

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୩୨)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ପ୍ରଥମ ଯୁବତୀଟି କହିଲା " ଏହି ନୌକାର ମଧ୍ୟ ଭାଗରେ ଯିଏ ବସିଛନ୍ତି ସେ ହେଉଛନ୍ତି ଏ ରାଜ୍ୟର ମହାରାଜା ଗୋପୀନାଥ ନରେନ୍ଦ୍ରଙ୍କ ପତ୍ନୀ ମୁକ୍ତାମାଳା । ଆମେ ଦୁଇଜଣ ହେଉଛୁ ତାଙ୍କର ପାର୍ଶ୍ୱ ପରିଚାରିକା । ଆମେ ପ୍ରାୟ ପ୍ରତିଦିନ ସାନ୍ଧ୍ୟ ଭ୍ରମଣରେ ନୌକାରେ ଆସିଥାଉ । ଆଉ ଜଣେ ହେଲେ ଦକ୍ଷ ନାଉରିଆ । ଯିଏକି ପ୍ରତିଦିନ ଏହି ନୌକା ବିହାର କରିବାପାଇଁ ନିଯୁକ୍ତି ପାଇଥିବା ନାଉରିଆ । ଏହି କଥାବାର୍ତ୍ତା ମଧ୍ୟରେ ମହାରାଣୀ ମୁକ୍ତାମାଳା ନୌକାରୁ ଓହ୍ଲାଇ ବିଶର ମହାନ୍ତିଙ୍କ ନିକଟରେ ପହଞ୍ଚିସାରିଲେଣି । ପ୍ରଣାମ କଲେ ବିଶର ମହାରାଣୀ ମୁକ୍ତାମାଳାଙ୍କୁ । ମୁକ୍ତାମାଳା ପରିଚାରିକା ମାନଙ୍କଠାରୁ ବିଶର ମହାନ୍ତିଙ୍କ ପରିଚୟ ବୁଝିସାରିବା ପରେ ପଚାରିଲେ " ହେ ସନ୍ୟାସୀ ! ସନ୍ଧ୍ୟା ହୋଇ ଆସିଲାଣି । ଏ ଅରଣ୍ୟ ଓ ହେଉଛି ହିଂସ୍ର ଜନ୍ତୁମାନଙ୍କର ଆଶ୍ରୟ ସ୍ଥଳ, ତୁମେ ରହିବ କେଉଁଠି ? ତୁମର ଏଠାକୁ ଆଗମନର ଉଦ୍ଦେଶ୍ୟ ଟିକେ କୁହ ?" ବିଶର କହିଲେ " ମୁଁ ଜଣେ ସନ୍ୟାସୀ । ବହୁ ଦିନରୁ ମୁଁ ମହାବୀର ହନୁମାନଙ୍କୁ ଉପାସନା କରିଆସିଛି । ହନୁମାନଙ୍କ ନିକଟରେ ରହି ପ୍ରଭୁଙ୍କର ସାନ୍ନିଧ ଲାଭ କରିବା ହେଉଛି ମୋର ପରମ ସୌଭାଗ୍ୟ । ମୁଁ ଶୁଣିବାକୁ ପାଉଛି ଏଠାରେ ଯେଉଁ ହନୁମାନ ଅଛନ୍ତି ସେ ହେଉଛନ୍ତି କେଉଁ ସ୍ମରଣାତୀତ କାଳରୁ ଏଠାରେ ସ୍ଥାପିତ ହୋଇ ପୂଜା ପାଇ ଆସୁଛନ୍ତି । ଏତିକି ମାତ୍ର ପ୍ରାର୍ଥନା ମହାରାଣୀ, ମୋତେ ଦୟାକରି ଏହି ହନୁମାନଙ୍କ ବାଟିକାରେ ରହିବାର ବ୍ୟବସ୍ଥା କରିଦେଲେ, ମୁଁ ତୁମ ନିକଟରେ ଚିରକୃତଜ୍ଞ ରହିବି ।" ମୁକ୍ତାମାଳା କହିଲେ " ହେ ସନ୍ୟାସୀ ! ଏହି ନିର୍ଜନ ଅରଣ୍ୟ ମଧ୍ୟରେ ହିଂସ୍ର ପଶୁମାନଙ୍କର ଉପଦ୍ରବ ଏତେ ଭୟଙ୍କର ଯେ ତୁମେ ଏଠାରେ ଏକାକି କେବେ ହେଲେ ରହିପାରିବନି, ତେଣୁ ତୁମେ ମୋ ସାଥିରେ ଆମ କୁଜଙ୍ଗ ଗଡର ରାଜ ଉଆସରେ ମୋ ନିକଟରେ ରହିବ ଓ ପ୍ରତିଦିନ ମୁଁ ଜଣେ ପରିଚାରିକାକୁ ତୁମ ସାଥିରେ ଏଠାକୁ ପଠାଇବି ତୁମେ ନିରାପଦରେ ହନୁମାନଙ୍କର ସେବାକରି ଆମ ପ୍ରାସାଦକୁ ଫେରି ଯାଉଥିବ ।" ମୁକ୍ତାମାଳାଙ୍କ ଠାରୁ ଏପରି ସମ୍ଭାଷଣ ଶୁଣି ବିଶର ମହାନ୍ତିଙ୍କ ମୁଖମଣ୍ଡଳରେ ଫୁଟି ଉଠିଲା ଏକ ସ୍ମିତ ହାସ୍ୟରେଖା । ଜଣେ ସାଧକ ତପସ୍ୱୀ ମୁଖରେ ଯେତେବେଳେ ହାସ୍ୟ ରେଖାଟିଏ ଫୁଟି ଉଠେ ତାହା ବିଭିନ୍ନ ଦିଗକୁ ପ୍ରତିବିମ୍ବିତ କରିଥାଏ । ଠିକ୍ ଏହିପରି ଅର୍ଦ୍ଧ ନିମିଳିତ ହାସ୍ୟ ରେଖାଟିଏ ଫୁଟି ଉଠିବାର ଦେଖି ମହାରାଣୀ ମୁକ୍ତାମାଳାଙ୍କ ଦେହରେ ଏକ କାମୋଦ୍ଦୀପକ ଉନ୍ମାଦନୀ ସୃଷ୍ଟି ହୋଇଗଲା । ସେ ଆଖିଆଗରେ ଯେଉଁ ସନ୍ୟାସୀଙ୍କୁ ଦେଖୁଛନ୍ତି ତାଙ୍କରି ଦେହର ସୁଖ ପାଇଁ ବ୍ୟାକୁଳିତ ହୋଇ ପଡୁଛନ୍ତି ମୁକ୍ତାମାଳା । ତେବେ ତାଙ୍କ ଶରୀରରେ ଏତେ ଉନ୍ମାଦନା କାହିଁକି ? ପରିଚୟତ ହଠାତ୍ ହୋଇଛି । ସେଥିରେ ପୁଣି ମହାରାଣୀ କହୁଛନ୍ତି ନିଜ ରାଜ ଉଆସରେ ଓ ପୁଣି ନିଜ ପାଖରେ ରଖି ସେବା କରିବେ ? ମୁକ୍ତାମାଳା ବି ଦେଖୁଛନ୍ତି ବିଶର ହେଉଛନ୍ତି ଜଣେ ମଧ୍ୟମ ବୟସ୍କ ସନ୍ୟାସୀ । ମୁଣ୍ଡରେ ବନ୍ଧା ହୋଇଥିବା ପଗଡିଟି ହଳଦି ବର୍ଣ୍ଣରେ ଶୋଭାପାଉଛି । ବକ୍ଷସ୍ଥଳ ପ୍ରଶସ୍ତ । ବାହୁର ମାଂସପେଶୀ ଖୁବ୍ ବଳିଷ୍ଠ ଆଉ ବିଶାଳତା ବି ତାଙ୍କ ଶରୀରକୁ ଆହୁରି ପ୍ରଲୋଭିତ କରୁଛି ମୁକ୍ତାମାଳାଙ୍କୁ । କମନୀୟ ଚକ୍ଷୁଦ୍ୱୟରୁ ଏପରି ଶାନ୍ତ ଶୀତଳ ଆଲୋକ ଗୁଡା ବିଚ୍ଛୁରିତ ହୋଇ ମହାରାଣୀଙ୍କ ବକ୍ଷସ୍ଥଳକୁ ନିବିଡ ଭାବେ ଆର୍ଦ୍ର କରି ଦେବାରେ ଲାଗିଛି । ମୁକ୍ତାମାଳାଙ୍କ ଦେହ ଅଗ୍ନୀରେ ନିପତିତ ହୋଇନି କିନ୍ତୁ ସର୍ବାଙ୍ଗ ଶରୀରରେ ବିଶରଙ୍କ ଦେହରେ ଜଳୁଥିବା ଅଗ୍ନୀରେ ଉତ୍ତପ୍ତ ହୋଇଯାଉଛି । ବିଶରଙ୍କ ଚକ୍ଷୁରୁ ନିର୍ଗତ ହେଉଥିବା ଶାନ୍ତ ଶୀତଳ ଆଲୋକରେ କୌଣସି ଝଡ ବର୍ଷାର ସାମାନ୍ୟତମ ସୂଚନା ନାହିଁ, କିନ୍ତୁ ମୁକ୍ତାମାଳାଙ୍କ ବକ୍ଷରୁ ନିର୍ଗତ ହୋଇଯାଉଛି ଶ୍ରମଝାଳ । ବିଶର ବାୟୁମଣ୍ଡଳରୁ ନେଉଥିବା ନିଃଶ୍ୱାସ ପ୍ରଶ୍ୱାସରେ ସାମାନ୍ୟତମ ଉତ୍ତାପ ନାହିଁ ସତ୍ୟ କିନ୍ତୁ ମୁକ୍ତାମଳାଙ୍କ ନିଃଶ୍ୱାସ, ପ୍ରଶ୍ୱାସରେ ବହୁଛି କାଳ ବୈଶାଖିର ଝଞ୍ଜା । (କ୍ରମଶଃ)

# ଦେଶପ୍ରେମୀ

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ଜଣେ ଲୋକ ଦେଶପ୍ରେମୀ କି ଦେଶଦ୍ରୋହୀ – ଜାଣିବ କେମିତି ?

ଆମ ନବଘନର ମୁଣ୍ଡ ସବୁବେଳେ 'ହଁ' କିମ୍ବା 'ନାହିଁ' ରେ କାମ କରେ । ଇଂରାଜୀରେ ଏହାକୁ ବାଇନାରି ବୋଲି କହନ୍ତି । ଏ ପ୍ରଶ୍ନରେ ନବଘନର ସରଳ ଉତ୍ତର ହେଲା: ଯଦି ସେ ଦେଶର ହିତରେ କିଛି କାମ କରୁଥିବ, ବା ତା କାମରେ ଦେଶର ହିତ ହେଉଥିବ- ତେବେ ସେ ଦେଶପ୍ରେମୀ । ଯଦି ହେଉନଥିବ ତେବେ ସେ ଦେଶଦ୍ରୋହୀ । ନବଘନର କଥାକୁ ମାନିଲେ, ଏ ଦେଶରେ ଯେଉଁମାନେ ସାଇକେଲ୍ ଚଢୁନାହାନ୍ତି ସେମାନେ ହେଲେ ଦେଶପ୍ରେମୀ । ଆଉ ଯେଉଁମାନେ ସାଇକେଲ୍ ଚଲଉଛନ୍ତି ସେମାନେ ଦେଶଦ୍ରୋହୀ । । ଆପଣମାନେ ଭାବୁଥିବେ କେମିତି ? ଧୈର୍ଯ୍ୟ ଧରନ୍ତୁ, ବିଷୟଟିକୁ ପୂରା ପଢ଼ନ୍ତୁ । ତରବର ହେବେନି, ଅଧାରୁ ଛାଡ଼ି ଚାଲି ଯିବେ ନାହିଁ । ବର୍ତ୍ତମାନର ଅର୍ଥନୀତି ଅନୁସାରେ ଗୋଟେ ଦେଶର ଅର୍ଥ ବ୍ୟବସ୍ଥା ମଜଭୁତ ହେବାପାଇଁ କନ୍‌ଜମ୍ପସନ ଦରକାର । ଲୋକ ବେଶି ଜିନିଷ କିଣିବା ଦରକାର । ଏହାର ଯୁକ୍ତିଟି ସରଳ । ଲୋକ ଜିନିଷ କିଣିଲେ, ବଜାରରେ ସେ ଜିନିଷର ଚାହିଦା ବଢ଼ିବ । ଚାହିଦା ବଢ଼ିଲେ ଉତ୍ପାଦନ ବଢ଼ିବ । ଉତ୍ପାଦନ ବଢ଼ିଲେ ତାର ଅଧିକ ଉତ୍ପାଦନ ପାଇଁ ଚେଷ୍ଟା ହେବ । ସେଥିପାଇଁ ଅଧିକ କଳକାରଖାନା ତିଆରି ହେବ । ଅଧିକ ନିଯୁକ୍ତି ହେବ । ସେଥିପାଇଁ ଯେତେ ଲୋକ କଞ୍ଜ୍ୟୁମ କରିବେ, କିଣିବେ ସେତେ ସେ ଦେଶର ଅର୍ଥବ୍ୟବସ୍ଥା ମଜଭୁତ ହେବ । ଏବେ ଦେଖନ୍ତୁ, ଜଣେ ଯଦି ସାଇକେଲ ଚଳାଏ ତାହାହେଲେ କଣ ସେ କରୁଛି । ଯେ ସାଇକେଲ ଚଲଉଛି ସେ ମୋଟର ସାଇକେଲ କି ଗାଡି କିଣିବନି । ଯେହେତୁ ସିଏ ଏହା କିଣିବ ନାହିଁ, ତେଣୁ ଏସବୁ କିଣିବା ପାଇଁ ଋଣ ବି ତାର ଦରକାର ନାହିଁ । ସେ ଏବାବଦ ବ୍ୟାଙ୍କ୍ ସେବା ନେବନି । ସିଏ ଗାଡ଼ି ମଟର ପାଇଁ ତେଲ କିଣିବନି । ସର୍ଭିସିଂରେ ଖର୍ଚ୍ଚ କରିବନି । ପାର୍କିଂ ଫି ଦେବନି । ଟ୍ରାଫିକ ପୋଲିସକୁ ଫାଇନ୍ କିମ୍ବା ହାତଗୁଞ୍ଜା ଦେବନି । ନା ସରକାର କିଛି ଆୟ କଲେ ନା ବିଚାରି ଟ୍ରାଫିକ ପୋଲିସ । ସାଇକେଲ ଚଲେଇବା ଗୋଟେ ବ୍ୟାୟାମ । ଯେହେତୁ ନିୟମିତ ବ୍ୟାୟାମ କରିବ ସେ ମୋଟା ହେବନି । ତେଣୁ ସେ ସ୍ଲିମିଂ ସେଣ୍ଟରଗୁଡିକୁ କେବେ ଯିବନି । ଜିମକୁ ଯିବାର ତାର ଆବଶ୍ୟକତା ନାହିଁ । ଯେହେତୁ ସେ ପ୍ରତିଦିନ ବ୍ୟାୟାମ କରୁଛି ତାର ରୋଗବୈରାଗ କମ୍ ହେବ । ଡାକ୍ତରଙ୍କ ପାଖକୁ କମ୍ ଯିବ । ଟେଷ୍ଟ କମ୍ କରେଇବ । ହାସପାତାଳକୁ କମ୍ ଯିବ । ଔଷଧ କମ୍ କିଣିବ । ଏମିତି ହିସାବ କରି ଦେଖନ୍ତୁ, ଜଣେ ଯଦି ସାଇକେଲ ଚଲଉଛି ତାହାହେଲେ ଏ ସମସ୍ତ କ୍ଷେତ୍ରରେ ଯେଉଁ ଅର୍ଥ ଖର୍ଚ୍ଚ ହୋଇଥାନ୍ତା ତାହା ସେ କରୁନାହିଁ । ଏ ସମସ୍ତ କ୍ଷେତ୍ରରେ ଯେତେ ଲୋକ ନିଯୁକ୍ତି ପାଇଥାନ୍ତେ ସେ ନିଯୁକ୍ତିର ବାଟକୁ ସାଇକେଲବାଲା ବନ୍ଦ କରିଦେଲା । ହିସାବ କହୁଛି ଜଣେ ଫାଷ୍ଟଫୁଡ୍ ଦୋକାନୀ ତା'ର ଜୀବନକାଳ ଭିତରେ ଅନ୍ତତଃ ତିରିଶଟି ଚାକିରି ସୃଷ୍ଟି କରୁଛି । ଭାବୁ ନାହାନ୍ତି- ଫାଷ୍ଟଫୁଡ୍ ଖାଇଲେ ଲୋକ ମୋଟା ହେବ, ତେଣୁ ସେ ସ୍ଲିମିଂ ସେଣ୍ଟରକୁ ଯିବେ । ଲୋକ ବେମାର ପଡିବ । ଡାକ୍ତରଙ୍କ ପାଖକୁ ଯିବ । ବେମାର ପଡିଲେ ୫୦ଟା ଟେଷ୍ଟ କରେଇବ । ପାଥୋଲୋଜିଷ୍ଟ ପାଖକୁ ଯିବ, ଇତ୍ୟାଦି ଇତ୍ୟାଦି । ଆଉ ଗୋଟେ ଦିଗରୁ ଦେଖନ୍ତୁ । ମୋଟା ହେଲେ ତାର ପିନ୍ଧିବା ଲୁଗା ଅଧିକା ଲାଗିବ । ସେଥିରେ ଲୁଗା ଯେଉଁମାନେ ତିଆରି କରୁଛନ୍ତି, ପୋଷାକ ଇତ୍ୟାଦି ତିଆରି କରୁଛନ୍ତି ସେମାନଙ୍କର କିଛି ଫାଇଦା ହେବ । ତେଣୁ ମୋଟାମୋଟି ଭାବରେ କଥାହେଲା ଯିଏ ସାଇକେଲ ଚଲଉଛି ସିଏ ଦେଶର ଅର୍ଥନୀତିକୁ ଅଗ୍ରସର ହେବା ଦିଗରେ ବାଧା ସୃଷ୍ଟି କରୁଛି । ନବଘନର ଯୁକ୍ତି ଅନୁସାରେ ଯିଏ ଦେଶର ଅଗ୍ରଗତିରେ ବାଧା ସୃଷ୍ଟିକରେ ସିଏ ହେଲା ଦେଶର ଶତ୍ରୁ । ଅର୍ଥାତ ସାଇକେଲ ଯିଏ ଚଲଉଛି ସିଏ ଦେଶଦ୍ରୋହୀ । ଆଉ ତାଠୁ ବଡ ଦେଶଦ୍ରୋହୀ ହେଲେ ମୋ ଭଳି ଲୋକମାନେ ଯେଉଁମାନେ ସାଇକେଲ ବି ଚଳାନ୍ତିନି ପାଦରେ ଚାଲି ଚାଲି ଯାଆନ୍ତି । ସେମାନେ ସାଇକେଲ ବି କିଣୁ ନାହାନ୍ତି । ସେମାନେ ଭୟଙ୍କର ଦେଶଦ୍ରୋହୀ । ଦେଶର ଘୋର ଶତ୍ରୁ । ତେଣୁ ଆପଣମାନଙ୍କୁ ନିବେଦନ ଆପଣମାନେ ସାଇକେଲ କିଣନ୍ତୁ ନାହିଁ, ସାଇକେଲ ଚଲାନ୍ତୁ ନାହିଁ, ପାଦେ ବି ଚାଲି ଚାଲି ଯାଆନ୍ତୁନି । ଆପଣମାନେ ଗାଡ଼ି ମଟରସାଇକଲ୍ ଚଲାନ୍ତୁ, ଫାଷ୍ଟ-ଫୁଡ୍ ଖାଆନ୍ତୁ । ମୋଟା କୋଦା ହୁଅନ୍ତୁ । ରୋଗବ୍ୟାଧିରେ ପଡନ୍ତୁ । ଆଉ ଧୁମ୍ ଖର୍ଚ୍ଚ କରନ୍ତୁ । ଏତଦ୍ୱାରା ଦେଶର ଅର୍ଥନୀତି ସମୃଦ୍ଧ ହେବ । ଦେଶର ଅର୍ଥନୀତି ସମୃଦ୍ଧ କରିବାରେ ଯୋଗଦାନ ପାଇଁ ଆପଣ ଦେଶପ୍ରେମୀ ବୋଲାଇବେ । କହି ହେବନି, ଆପଣ ପଦ୍ମଶ୍ରୀ କି ପଦ୍ମବିଭୁଷଣ ସମ୍ମାନ ବି ପାଇପାରନ୍ତି ।

# ସୁଦୃଢ଼ ସମ୍ପର୍କର ଡୋର–ରାକ୍ଷୀ



ଜୟଶ୍ରୀ ପଟ୍ଟନାୟକ
ଗଙ୍ଗନଗର, ଭୁବନେଶ୍ୱର
ମୋ : ୭୯୭୮୧୧୦୪୭୪

ଓଡିଶା ହେଉଛି ପର୍ବପର୍ବାଣି ଓ ସଂସ୍କୃତିର ଗନ୍ତାଘର । ଏଠି ଲାଗି ରହିଥାଏ ବାରମାସରେ ତେର ପର୍ବ ଶ୍ରୀ ଜଗନ୍ନାଥ ସଂସ୍କୃତିକୁ କେନ୍ଦ୍ର କରି । ଶ୍ରାବଣ ହେଉଛି ବାରିଧାରାର ମାସ । ଏହି ମାସରେ ପଡେ ଚିତଉ ଅମାବାସ୍ୟା, ବୋଲେବମ ଯାତ୍ରା, ଝୁଲଣ ଯାତ୍ରା ବା ରାକ୍ଷୀ ପୂର୍ଣ୍ଣିମା । ଝୁଲଣ ଯାତ୍ରା ପ୍ରତିବର୍ଷ ଶ୍ରାବଣ ଶୁକ୍ଳପକ୍ଷ ଦଶମୀ ଠାରୁ ଆରମ୍ଭ କରି ପ୍ରତିପଦ ଯାଏଁ ସାତଦିନ ଧରି ପାଳିତ ହୁଏ । ଏହି ଯାତ୍ରା ଷୋଡଶ ଶତାବ୍ଦୀର ମଧ୍ୟଭାଗ କିମ୍ବା ସପ୍ତଦଶ ଶତାବ୍ଦୀର ପ୍ରଥମ ଭାଗରୁ ଆରମ୍ଭ ହୋଇଥିବା ଜଣାଯାଏ । ରାଜା ବୀରକିଶୋର ଦେବ ପ୍ରଥମ ଓ ଦିବ୍ୟସିଂହ ଦେବ ଦ୍ୱିତୀୟଙ୍କ ସମୟରେ ଶ୍ରୀ ମନ୍ଦିର ସମେତ ମଠ ମାନଙ୍କରେ ଝୁଲଣ ଯାତ୍ରା ହେଉଥିଲା । ଝୁଲଣ କୁଞ୍ଜରେ, ଝୁଲଣ ଦୋଳିରେ ଶ୍ରୀ ମନ୍ଦିର ବ୍ୟତୀତ ଅନେକ ସ୍ଥାନରେ ଲକ୍ଷ୍ମୀନୃସିଂହ, ରାଧାକୃଷ୍ଣ ବିଗ୍ରହ ରଖି ଝୁଲଣ କାର୍ଯ୍ୟ ହୁଏ । ଗୌଡୀୟ ବୈଷ୍ଣବ ମାନେ ଏହାକୁ ଶ୍ରୀରାଧା (ଜିବାତ୍ମା) ଓ ଶ୍ରୀକୃଷ୍ଣ ( ପରମାତ୍ମା) ଙ୍କ ଶୂନ୍ୟ ମଣ୍ଡପରେ ଅପୂର୍ବ ଲୀଳାର ପ୍ରକାଶ ଭାବି ଆନନ୍ଦିତ ହୋଇଥାନ୍ତି । ରାଧାକୃଷ୍ଣ ଯୁଗଳ ଲୀଳା ଜୀବ ପରମେ ନେଇ ମିଳା । ମନ୍ଦିର ମାନଙ୍କରେ ସାଜସଜ୍ଜା ସାଙ୍ଗକୁ ଝୁଲଣ ଯାତ୍ରାରେ ସ୍ୱାଦିଷ୍ଟ ଭୋଗ ସାଙ୍ଗକୁ ଗୋଟିପୁଅ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ, ପାଲା ଭକ୍ତଙ୍କୁ ଆକର୍ଷିତ କରିଥାଏ । ରାକ୍ଷୀ ଏକ କୃଷିଭିତ୍ତିକ ପର୍ବ । ଝୁଲଣ ପର୍ବ ଦିନ ହଳାୟୁଧ ବଳଭଦ୍ରଙ୍କର ଜନ୍ମ । ଏହିଦିନ ଓଡିଶାର ଘରେ ଘରେ କୃଷକର ସାଥି କୃଷିକାମରେ ପ୍ରମୁଖ ଭୂମିକା ତୁଲାଉଥିବା ଗାଇ ବଳଦ ମାନଙ୍କୁ ପୂଜା କରି , ଫୁଲମାଳ ପିନ୍ଧାଇ, ହଳଦୀ ସିନ୍ଦୂର ଲଗାଇ ପିଠା ଖୁଆଇବାର ପରମ୍ପରା ରହିଛି । ସେମାନଙ୍କ ଶିଙ୍ଗରେ ରାକ୍ଷୀ ବାନ୍ଧିଥାନ୍ତି । ଏହିଦିନ କେନ୍ଦ୍ରାପଡା ଶ୍ରୀ ବଳଦେବ ଜୀଉଙ୍କର ଜନ୍ମୋତ୍ସବ ପାଳିତ ହୁଏ ଓ ଶ୍ରୀ ବଳଦେବଜୀଉଙ୍କୁ ଏକଲକ୍ଷ ତୁଳସୀ ପ୍ରଦାନ କରାଯାଏ । ସେଥିପାଇଁ କେନ୍ଦ୍ରାପଡା ତୁଳସୀ କ୍ଷେତ୍ର ନାମରେ ପ୍ରସିଦ୍ଧ । ଶ୍ରାବଣ ପୂର୍ଣ୍ଣିମାକୁ ଝୁଲଣ ପୂର୍ଣ୍ଣିମା କୁହାଯାଏ । ଏହା ହେଉଛି ରାଧାକୃଷ୍ଣଙ୍କର ବର୍ଷାକାଳୀନ ରାସୋତ୍ସବ । ଶ୍ରାବଣ ଶୁକ୍ଳଦଶମୀ ତିଥିରୁ ରାଧାକୃଷ୍ଣଙ୍କୁ ଦୋଳିରେ ସୁସଜ୍ଜିତ କରି ବସାଇ ଝୁଲାଯାଏ । ବୃନ୍ଦାବନରେ ଗୋପୀମାନେ କୁଞ୍ଜବନରେ ଶ୍ରୀକୃଷ୍ଣଙ୍କୁ ଲତା ଦୋଳିରେ ବସାଇ ଝୁଲାଉଥିଲେ । ଏହା ରାଧାକୃଷ୍ଣଙ୍କର ଦିବ୍ୟଲୀଳାର ପ୍ରତୀକ । ପ୍ରାୟତଃ ଷୋଡଶ ଶତାବ୍ଦୀଠାରୁ ଭାରତର ବୈଷ୍ଣବ ସମ୍ପ୍ରଦାୟ ଓ ମଠ ମନ୍ଦିରରେ ଝୁଲଣ ଯାତ୍ରା ହୋଇ ଆସୁଅଛି । ଶ୍ରୀକ୍ଷେତ୍ର ପୁରୀରେ ଝୁଲଣ ଯାତ୍ରା ବହୁ ଆଡମ୍ବର ସହକାରେ ପାଳିତ ହୁଏ । କଳ୍ପବଟ ନିକଟ ମୁକ୍ତିମଣ୍ଡପ ଠାରେ ପ୍ରସ୍ତୁତ ହୁଏ ସୁସଜ୍ଜିତ ଝୁଲଣକୁଞ୍ଜ । ଶ୍ରାବଣ ଶୁକ୍ଳ ଦଶମୀରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ବଡଦେଉଳରେ ପ୍ରତ୍ୟେହ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇ ଝୁଲଣ କୁଞ୍ଜକୁ ବିଜେ କରନ୍ତି । ଏଠାରେ ନାନା ଉପଚାରରେ ପୂଜା କରାଯାଇ ନିଃସଙ୍କୁଡି ଭୋଗ ନୈବେଦ୍ୟ କରାଯାଇ ଝୁଲଣ ମଣ୍ଡପରେ ରାଧାକୃଷ୍ଣଙ୍କ ଝୁଲଣ ଯାତ୍ରା ଦର୍ଶନ କରନ୍ତି ଭକ୍ତମାନେ । ଶ୍ରାବଣ ପୂର୍ଣ୍ଣିମା ଦିନ ପଇତା ବଦଳ ଉତ୍ସବ ଶ୍ରାବଣୀ ଓ ରକ୍ଷାବନ୍ଧନ ନାମରେ ଦୁଇଟି ପର୍ବ ପାଳନ କରାଯାଏ । ଶ୍ରାବଣୀ ବ୍ରାହ୍ମଣ ମାନଙ୍କର ଏକ ପ୍ରାଚୀନ ବୈଦିକ ପର୍ବ । ପୁରାଣ କଥାନୁସାରେ ଦେବାସୁର ଯୁଦ୍ଧରେ ଦେବତାମାନେ ହାରିଯିବାର ସମ୍ଭାବନା ଥିବାରୁ ଦେବତା ମାନଙ୍କ ଭିତରେ ଭାଳେଣି ପଡିଲା ତା ପରଦିନ ଥିଲା ଶ୍ରାବଣ ପୂର୍ଣ୍ଣିମା ଇନ୍ଦ୍ରାଣୀ ଶାସ୍ତ୍ରାନୁସାରେ ଗୋଟିଏ କବଚ ତିଆରି କରି ଇନ୍ଦ୍ରଙ୍କ ହାତରେ ବାନ୍ଧିଦେଲେ । ଯୁଦ୍ଧରେ ରାକ୍ଷସମାନେ ଛତ୍ରଭଙ୍ଗ ଦେଲେ । ଏହାକୁ ଭିତ୍ତିକରି ରକ୍ଷାବନ୍ଧନ ପାଳନ କରାଯାଉଛି ବୋଲି କଥିତ ଅଛି । ଭାଗବତ ପୁରାଣ ମତରେ ବଳଭଦ୍ର ଶ୍ରବଣା ନକ୍ଷତ୍ର ଯୁକ୍ତ ମକର ଲଗ୍ନରେ ଜନ୍ମ ହୋଇଥିବାରୁ ଶ୍ରାବଣ ପୂର୍ଣ୍ଣିମା ଦିନ ବଳଭଦ୍ରଙ୍କର ଜନ୍ମୋତ୍ସବ ଶ୍ରୀମନ୍ଦିରରେ ପାଳନ କରାଯାଏ ।

ରକ୍ଷାବନ୍ଧନ - ରାକ୍ଷୀ ପୂର୍ଣ୍ଣିମା ଏକ ସର୍ବ ଭାରତୀୟ ଗଣପର୍ବ । ଏହିଦିନ ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧି ମିଠା ଖୁଆଏ ଏବଂ ଭାଇ ମଧ୍ୟ ଭଉଣୀର ସୁରକ୍ଷା ପାଇଁ ଶପଥ ନିଏ ଏବଂ ଆଶୀର୍ବାଦ ଦିଏ ଭଉଣୀକୁ । ଭଉଣୀକୁ କିଛି ଉପହାର ଦେଇ ତା ମନ ଖୁସି କରାଏ । ଫଳରେ ଭାଇ ଭଉଣୀଙ୍କ ମଧ୍ୟରେ ସମ୍ପର୍କର ଡୋର ମଜବୁତ୍ ହୁଏ । ଯେଉଁଠି ଥିଲେ ବି ଭାଇ ଭଉଣୀକୁ ମନେ ପକାଏ । ଭଉଣୀ ପଠାଇଥିବା ରାକ୍ଷୀକୁ ହାତରେ ବାନ୍ଧେ । ଏହିଦିନ ପୁରୋହିତମାନେ ଯଜମାନଙ୍କ ହାତରେ ରାକ୍ଷୀ ବନ୍ଧନ କରି ଆଶୀର୍ବାଦ କରିଥାନ୍ତି । ଏହିଦିନ ଉପବୀତ ମଧ୍ୟ ବଦଳାଯାଏ । ପୁରୁଣା ବାହାର କରି ନୂଆ ପିନ୍ଧାଯାଏ । ଶ୍ରାବଣୀ ପର୍ବରେ ପୁରାତନ ପଇତା ବଦଳାଯାଏ । ବଳିଙ୍କ ହାତରେ ରାକ୍ଷୀ-ବାମନ ଅବତାରରେ ଭଗବାନ ବିଷ୍ଣୁ ତିନିପାଦ ଭୂମି ମାଗି ରାଜା ବଳିଙ୍କର ସର୍ବସ୍ୱ ସମ୍ପଦ ଲୁଟି ନେଇଥିଲେ । ପ୍ରଥମ ପାଦରେ ସ୍ୱର୍ଗ, ଦ୍ୱିତୀୟରେ ମର୍ତ୍ତ୍ୟ ଓ ତୃତୀୟ ପାଦରେ ବଳିଙ୍କ ମଥାରେ ପାଦ ରଖି ପାତାଳକୁ ଚାପି ଦେଇଥିଲେ । ବଳିରାଜାଙ୍କ ସହିତ ସଂକଳ୍ପବଦ୍ଧ ହୋଇ ଭଗବାନ ବାମନ ତାଙ୍କ ସିଂହଦ୍ୱାରରେ ଦ୍ୱାରପାଳ ଭାବେ ରହିଲେ । ଲକ୍ଷ୍ମୀ ଏହା ଜାଣିବା ପରେ ନାରଦଙ୍କ ଉପଦେଶ କ୍ରମେ ରାକ୍ଷୀ ପୂର୍ଣ୍ଣିମା ଦିନ ବଳିଙ୍କ ହାତରେ ରାକ୍ଷୀ ବନ୍ଧନ କରିଥିଲେ ଉପହାର ସ୍ୱରୂପ ବଳିରାଜ ବିଷ୍ଣୁ ବାମନଙ୍କୁ ବୈକୁଣ୍ଠ ଫେରାଇ ଦେଇଥିଲେ ।

ରାମଙ୍କ ହାତରେ ରାକ୍ଷୀ-ତ୍ରେତୟାରେ ଭଗବାନ ରାମ ରାବଣ ସହିତ ଯୁଦ୍ଧ କରିଥିଲେ ଯୁଦ୍ଧରେ ରାବଣ ମାୟା ରଚନା କଲା । ମହର୍ଷି ଅଗସ୍ତିଙ୍କର ପରାମର୍ଶ କ୍ରମେ ପ୍ରଭୁ ଶ୍ରୀରାମ ମାୟାକୁ ଛେଦନ ନିମନ୍ତେ ସୂର୍ଯ୍ୟଦେବଙ୍କ ଉପାସନା କଲେ । ଶ୍ରାବଣ ପୂର୍ଣ୍ଣିମାରେ ଭଉଣୀ ରାକ୍ଷୀ ବନ୍ଧନ କଲେ ମାୟା ଦୂରୀଭୂତ ହୁଏ ବୋଲି କହିଲେ ଭଉଣୀ ଶାନ୍ତା ଶ୍ରାବଣ ପୂର୍ଣ୍ଣିମାରେ ଶ୍ରୀରାମଙ୍କ ହାତରେ ରାକ୍ଷୀ ବାନ୍ଧିବା ପରେ ମାୟା ଦୂରୀଭୂତ ହୋଇ ପ୍ରଭୁ ଜୟ ଲାଭ କଲେ । କୌରବଙ୍କ ଆକ୍ରୋଶରୁ ପୁଅମାନଙ୍କୁ ରକ୍ଷା କରିବା ଅଭିପ୍ରାୟରେ କୁନ୍ତୀଶ୍ରୀକୃଷ୍ଣଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ । ଗୋପିମାନେ ବାଳକ କୃଷ୍ଣ ଉପରକୁ କିଛି ବିପଦ ନ ଆସୁ ଏହି ଆଶାରେ ତାଙ୍କୁ ରାକ୍ଷୀ ପିନ୍ଧାଇ ମଙ୍ଗଳ ମନାସୁଥିଲେ ।

ବଳଭଦ୍ର ଶ୍ରବଣା ନକ୍ଷତ୍ରରେ ଶ୍ରାବଣମାସରେ ରାକ୍ଷୀ ପୂର୍ଣ୍ଣିମାରେ ମକର ଲଗ୍ନରେ ଜନ୍ମ ହୋଇଥିଲେ । ସେ କୃଷିର ଆଦ୍ୟ ପ୍ରବର୍ତ୍ତକ କୃଷିଦେବତା । ତେଣୁ ଏହି ଦିନ ବିଭିନ୍ନ ସ୍ଥାନରେ ବଳଭଦ୍ରଙ୍କ ଜନ୍ମୋତ୍ସବ ପାଳନ କରାଯାଏ । ଏହିଦିନ ଶ୍ରୀଜୀଉମାନଙ୍କୁ ବୋଇରାଣୀ ପଟନୀ ନୂଆଲୁଗା ଲାଗି କରାଯାଏ । ଶ୍ରୀ ଜୀଉମାନେ ଭଉଣୀ ସୁଭଦ୍ରାଙ୍କ ପକ୍ଷରୁ ଶ୍ରୀଭୂଜରେ ପାଟରା ବିଶୋୟୀ ଯୋଗାଇଥିବା ଚାରୋଟି ପାଟରାକ୍ଷୀ ଦୁଇଭୂଜରେ ପିନ୍ଧନ୍ତି । ସନାତନ ଧର୍ମରେ ଗୋମାତାକୁ ପୂଜା କରାଯାଏ ଗୋସମ୍ପଦ ପୁରପଲ୍ଲୀରେ ସବୁଠାରୁ ବଡ ସମ୍ପଦ ତେଣୁ ଗହ୍ମାପର୍ବରେ ବଳଦେବଙ୍କ ସହିତ ଗୋଜାତିକୁ ହଳ ଲଙ୍ଗଳ ସହିତ ଧୋଇଧାଇ ସିନ୍ଦୂର, ହଳଦୀ, କୁଙ୍କୁମ ଫୁଲ, ଚନ୍ଦନ, ଧୂପଦୀପଦେଇ ପୂଜା କରିଥାନ୍ତି । ରାକ୍ଷୀ ସହିତ ପଇତା ପିନ୍ଧାଯାଏ ଏବଂ ପିଠା ମିଠା ଖାଇବାକୁ ଦିଆଯାଏ । ଗହ୍ମା ପୂର୍ଣ୍ଣିମାରେ ବଳିବର୍ଦ୍ଧ ବା ବଳଦଙ୍କ ପୂଜା କଲେ କୃଷିରେ ଉନ୍ନତି ହୁଏ । ଇତିହାସରେ ରାକ୍ଷୀ- ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଗ୍ରୀକବୀର ଆଲେକ୍‌ଜାଣ୍ଡର ଥରକୁ ଥର ଭାରତ ଆକ୍ରମଣ କରି ରାଜା ପୁରୁଙ୍କ ଠାରୁ ପରାସ୍ତ ହେଉଥାନ୍ତି । ସ୍ୱାମୀଙ୍କ ପରାଜୟରେ ଲଜ୍ଜିତ ହୋଇ ସ୍ୱାମୀଙ୍କ ସୁରକ୍ଷା ଚିନ୍ତା କରି ରାଜା ପୁରୁଙ୍କ ପାଖକୁ ରାକ୍ଷୀ ପଠାଇ ତାଙ୍କୁ ଭଉଣୀ ରୂପେ ସ୍ୱୀକାର କରିବାକୁ ଅନୁରୋଧ କରିଥିଲେ । ପୁରୁ ତାଙ୍କର ଏ ଇଚ୍ଛାକୁ ପୂରଣ ବିଧବା ପତ୍ନୀ କର୍ଣ୍ଣାବତୀ ରାକ୍ଷୀଟିଏ ପଠାଇ ହୁମାୟୁନଙ୍କ ଚିତୋର ଆକ୍ରମଣକୁ ପରିତ୍ୟାଗ କରାଇଥିଲେ । ସିକନ୍ଦରଙ୍କ ପତ୍ନୀ ନିଜର ପତିଙ୍କ ହିନ୍ଦୁ ଶତ୍ରୁ ପୁରୁଙ୍କ ହାତରେ ରାକ୍ଷୀ ବାନ୍ଧି ତାଙ୍କୁ ଭାଇର ମର୍ଯ୍ୟାଦା ଦେଇଥିଲେ ଫଳରେ ପୁରୁ ଯୁଦ୍ଧରେ ସିକନ୍ଦରଙ୍କୁ ହତ୍ୟା ନ କରି ମୁକ୍ତ କରି ଦେଇଥିଲେ ।

କୃଷ୍ଣଙ୍କ ହାତରେ ଦୌପଦୀଙ୍କ ରାକ୍ଷୀ - ଶିଶୁପାଳର ମସ୍ତକକୁ ଚକ୍ରରେ କାଟିବା ପରେ ଚକ୍ରଟି ଯେତେବେଳେ ଶ୍ରୀକୃଷ୍ଣଙ୍କ ହାତକୁ ଫେରି ଆସିଥିଲା । ସେଥିରେ ତାଙ୍କର ଅଙ୍ଗୁଳି କଟି ରକ୍ତ ବହିବାକୁ ଲାଗିଲା । ଏହା ଦେଖି ଦ୍ରୌପଦୀ ନିଜର ଶାଢ଼ି କାନିକୁ ଚିରି ଶ୍ରୀକୃଷ୍ଣଙ୍କ ଆଙ୍ଗୁଠିରେ ବାନ୍ଧି ଦେଇଥିଲେ ଏବଂ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ସୁରକ୍ଷା ଦେବାପାଇଁ ବଚନବଦ୍ଧ ହୋଇଥିଲେ । ଦ୍ରୌପଦୀ ବସ୍ତ୍ର ହରଣ ସମୟରେ ଶ୍ରୀକୃଷ୍ଣ କୋଟି ବସ୍ତ୍ର ଦେଇ ଲଜ୍ଜା ନିବାରଣ କରିଥିଲେ । ପୂର୍ବରୁ ପୁରୁଷମାନେ ଯୁଦ୍ଧ କ୍ଷେତ୍ରକୁ ଗଲାବେଳେ ନାରୀମାନେ ଈଶ୍ୱରଙ୍କୁ ପୂଜାକରି ସେମାନଙ୍କ ହାତରେ ରାକ୍ଷୀ ବାନ୍ଧୁଥିଲେ ତେଣୁ ଏହାକୁ କାଜରି ପୂର୍ଣ୍ଣିମା ଉତ୍ତର ଭାରତୀୟ ମାନେ କହନ୍ତି ।

ଭାଇ ହାତରେ ରାକ୍ଷୀ-ଭଉଣୀଟିଏ ଭାଇ ହାତରେ ସ୍ନେହଶ୍ରଦ୍ଧାରେ ରାକ୍ଷୀ ବାନ୍ଧିଥାଏ । ରାକ୍ଷୀରେ ଭଉଣୀର ସ୍ନେହ ଶ୍ରଦ୍ଧାର ଭାବ ଥାଏ । ସିନ୍ଦୂର ଚନ୍ଦନ ଲଗାଇ ଦୀପରେ ବନ୍ଦାପନ କରି ଭାଇ ହାତରେ ରାକ୍ଷୀ ବାନ୍ଧି ଭଉଣୀ ଈଶ୍ୱରଙ୍କ ନିକଟରେ ଭାଇର ଦୀର୍ଘାୟୁ କାମନା କରେ । ଭାଇ ମଧ୍ୟ ବିପଦ ଆପଦରେ ଭଉଣୀ ପାଇଁ ସୁରକ୍ଷା ଯୋଗାଇଦେବାର ପ୍ରତିଶୃତି ଦିଏ । ଭଉଣୀ ଭାଇକୁ ମିଠା ଖୁଆଏ ଭାଇ ଭଉଣୀକୁ ଖୁସିରେ ଉପହାର ଦିଏ ।

ରାକ୍ଷୀରେ ଗହ୍ମାଡିଆଁ –ପାଇକମାନେ ସମରାଭ୍ୟାସ ପାଇଁ ଶ୍ରାବଣ ପୂର୍ଣ୍ଣିମାକୁ ଶୁଭଙ୍କର ମନେ କରୁଥିଲେ ତାହାକୁ ଗହ୍ମାଡିଆଁ କୁହା ଯାଉଥିଲା । ଯିଏ ଯେତେ ଉପରକୁ ଡେଇଁବ ସେ ସୈନ୍ୟବାହିନୀରେଯୋଗ ଦେବାକୁ ଯୋଗ୍ୟ ହେବ ବୋଲି ବିଶ୍ୱାସ ଥିଲା ।

ଶାନ୍ତି, ପ୍ରୀତି ଭାଇଚାରାର ସୁନ୍ଦର ସମ୍ପର୍କ ଯୋଡେ ରାକ୍ଷୀ ।ଏହା ନାରୀ ଜାତିପାଇଁ ସମ୍ମାନ ଓ ଦାୟିତ୍ୱବୋଧ ଓ ଜାଗରଣ ସୃଷ୍ଟି କରେ । ସମ୍ପର୍କ ସହୃଦୟତାର ମୂଲ୍ୟବୋଧ ବଢ଼ାଇ ସାମାଜିକ ଜୀବନକୁ ସମୃଦ୍ଧ କରି ଗଢ଼ି ତୋଳେ । ଦେଶର ସୀମାରେ ଥିବା ସୈନ୍ୟମାନଙ୍କ ହାତରେ ରାକ୍ଷୀ ବାନ୍ଧି ଦେଶବାସୀଙ୍କ ମନରେ ଭାତୃପ୍ରେମ ବଢ଼ାଏ । ବୃକ୍ଷକୁ ରାକ୍ଷୀ ବାନ୍ଧି ପରିବେଶ ସନ୍ତୁଳନର ସଚେତନ କରାଯାଏ । ବ୍ରହ୍ମକୁମାରୀ ଈଶ୍ୱରୀୟ ବିଦ୍ୟାଳୟରେ ବ୍ରହ୍ମକୁମାରୀ ମାନେ ବ୍ରହ୍ମକୁମାର ମାନଙ୍କୁ ରାକ୍ଷୀ ବାନ୍ଧି ଭାତୃବୋଧର ମାନ ବଢ଼ାନ୍ତି । ପାରସ୍ପରିକ ଏକତା ସଂହତି ଭାତୃବୋଧ ବଢ଼ାଇବା ରାକ୍ଷୀ ବନ୍ଧନର ମୂଳଲକ୍ଷ୍ୟ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଭୁଲାମନ


ସୁଦର୍ଶନ ମହାପାତ୍ର


ନାଁ ସହିତ ଯତିପାତ ପଡୁନଥିଲା ମୋ ଅପାର। 'ଭାରତୀ' ବିଦ୍ୟାର ଦେବୀ ବୋଲି ବାପା କୁଆଡେ ଅପାର ସେଇ ନାଁ ହିଁ ବାଛିଥିଲେ। ହେଲେ ପାଠପଢ଼ାରେ ସେମିତି କିଛି ବିଚକ୍ଷଣ ନଥିଲା ଅପା। ଖାସ ଏଇ ପାଠପଢ଼ା ପାଇଁ ଅପା ବୋଉ ଠାରୁ ବହୁତ ଗାଳି ଖାଉଥିଲା। ପ୍ରତିଥର ପରୀକ୍ଷା ଫଳ ବାହାରିଲା ବେଳକୁ 'ମୋର ତ ପାଠ ମନେ ରହୁନାହିଁ, ମୁଁ କ'ଣ କରିବି ?' ବୋଲି ବୋଉକୁ କହି ବୁଝାଇବାକୁ ଚେଷ୍ଟା କରୁଥିଲା ଅପା। ଅପାର ଏଇ ଭୁଲାମନର ଦୋଷ କାଟିବା ପାଇଁ ବୋଉ ଆମ ଗାଁ ମୁଣ୍ଡରେ କ୍ଲିନିକ୍ କରିଥିବା ହୋମିଓପାଥିକ ଡାକ୍ତରଙ୍କ ପାଖକୁ ମଧ୍ୟ ଯାଇଥିଲା। ଡାକ୍ତର ଅପାର ସ୍ମରଣ ଶକ୍ତି ବଢାଇବା ପାଇଁ ଆଲଫାଲ୍ଫା ଟନିକ ଖାଇବାକୁ ପରାମର୍ଶ ଦେଇଥିଲେ। ରୀତିମତ ସେଇ ଟନିକ ଛଅ ମାସ ଖାଇବା ପରେ ମଧ୍ୟ ବାର୍ଷିକ ପରୀକ୍ଷାରେ ଅପା ଠିକ୍ ଆଗଭଳି କୌଣସି ମତେ ଶ୍ରେଣୀ ଡେଇଁ ଯାଇଥିଲା। ସେଇ ଡାକ୍ତରଙ୍କ ଉପରେ ଅଶାନ୍ତି ଝାଡି ବୋଉର ବିମର୍ଷ ଭାବ ତକ କଟିଥିଲା। ଅପା କିନ୍ତୁ ସଂସ୍କୃତ ଶ୍ଳୋକ, ଅମରକୋଷ, ପ୍ରାର୍ଥନା ସବୁ ସୁଲଳିତ କଣ୍ଠରେ ଗାଇ ପାରୁଥିଲା। ତେଣୁ ମୁଁ ଭାବୁଥିଲି ଅପା ମୋର ସାକ୍ଷାତ ସରସ୍ୱତୀ; ଭାରତୀ...!!

ଅପାର ସେଇ ଭୁଲାମନକୁ ସୁଧାରିବା ପାଇଁ ବୋଉ ଥରେ ଜ୍ୟୋତିଷ ଡକାଇ ଗ୍ରହ ବିଚାର ପୂର୍ବକ ପ୍ରତିକାର କରିଥିଲା ଏବଂ ଅପା ହାତରେ ଡେଉଁରିଆ ଟିଏ ବାନ୍ଧି ଦେଇଥିଲା। ମା ଶାରଳାଙ୍କ ଆଶୀର୍ବାଦ ପାଇଁ ଯେତେ ଦୂର ସମ୍ଭବ ଭୋଗରାଗ କରିଥିଲା।

ଏମିତି ଏମିତି ଅପା ଏକାଦଶ ଶ୍ରେଣୀ ପାସ କରିଥିଲା। ଆଇ.ଏ ଘରୋଇ ଭାବରେ ପଢିଥିଲା ଏବଂ ତା'ପରେ ତା'ର ବାହାଘର ହୋଇଯାଇଥିଲା। ଏମିତି କଥା ପ୍ରସଙ୍ଗରେ ମୁଁ ଥରେ ରାଜୁ ଭାଇ( ଅପାର ସ୍ୱାମୀ)ଙ୍କ ଆଗରେ ଅପାର ଭୁଲାମନ ବିଷୟରେ କହି ଦେଇଥିଲି ତ ପରବର୍ତ୍ତୀ ସମୟରେ ସେ ଅପାକୁ ବହୁତ ଥର ସେଇ କଥା କହି ଚିଡଉଥିଲେ। ଯେମିତି ବଜାରରୁ କୌଣସି ଦରକାରୀ ଜିନିଷ ଆଣିବାକୁ କହିବାକୁ ଭୁଲିଗଲା ତ ସେଇଟା ଅପାର ଭୁଲାମନର ଦୋଷ ବୋଲି ଚେତେଇଦେବେ ଭାଇ। କୌଣସି ବିବାହ ରିସେପସନରେ ଯୋଗ ଦେବାକୁ ନିର୍ଦ୍ଦିଷ୍ଟ ଦିନ ଅପା କହିବାକୁ ଭୁଲିଗଲା ତ ସେଇଟା ତା'ର ଭୁଲାମନର ନମୁନା ବୋଲି କହୁଥିଲେ ଭାଇ। ଏସବୁ ବିଷୟରେ ଶୁଣି ଶୁଣି ତା'ର ଭୁଲାମନ ପାଇଁ ଖୁବ ଅନୁତାପ କରେ ଅପା। ଏଥିପାଇଁ ଥରେ ମୁଁ ନିଜକୁ ଦୋଷୀ ମାନିଥିଲି ଏବଂ ଅପାକୁ କ୍ଷମା ମାଗିଥିଲି ତ ସେ ଫିକକିନା ହସି ଦେଇଥିଲା। 'ସତକଥା ତ କହିଚୁ, ଭୁଲ୍ ତୋର କେଉଁଠି ?' ବୋଲି କହି ସେ ବିଷୟରୁ ବାହାରି ଯାଇଥିଲା ଅପା। ଏ ପ୍ରକାର ଭୁଲିବା ସମସ୍ତଙ୍କ ଭିତରେ ଅଛି ବୋଲି ଅପାକୁ କେତେଥର ବୁଝାଇବାକୁ ଚେଷ୍ଟା କରି ମଧ୍ୟ ତା'ର ନିଜ ମନରେ ଥିବା କ୍ଷୋଭକୁ ଦୂରେଇ ପାରିନଥିଲି। ଏମିତି ଏମିତି ଅପାର ପୁଅ ଝିଅ ଦୁଇ ଜଣ ବଡ ହୋଇ ନିଜ ନିଜ ପରିବାର ସହ ବାହାରେ ରହୁଥିଲେ। ଘରେ ଥିଲେ ଅପା ଆଉ ଭାଇ। ଅପା କିନ୍ତୁ ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ସମୟରେ ମୋ ପାଖକୁ ଫୋନ୍ କରିବାକୁ ଭୁଲୁ ନଥିଲା। ଖାଲି ମୁଁ ନୁହେଁ, ମୋ ବଡ଼ ଭାଇ, ନିଜ ନଣନ୍ଦ ପାଖକୁ ମଧ୍ୟ ଅପା ରୀତିମତ ଫୋନ୍ କରେ। କେବେ ଭୁଲୁ ନଥିଲା ଏସବୁ..! ଏଇ ପ୍ରାୟ ଚାରିମାସ ତଳେ ଦିନେ ମୋତେ ସତକୁ ସତ ଲାଗିଲା ଅପାର ଭୁଲାମନ ବୋଲି। ସେଦିନ ଥିଲା ସାବିତ୍ରୀ ବ୍ରତ। ତା'ର ପୂର୍ବଦିନ ଭାଇ ଅପା ଘରକୁ ଯାଇ ଫେରିଥିଲେ। ଅଥଚ ଅପାର ମନେ ନଥିଲା। ମୁଁ ଆଶ୍ଚର୍ଯ୍ୟ ହେଲି। ପରେ ଅବଶ୍ୟ ତା'ର ମନେ ପଡିଲା। ତାକୁ ଜାଣିଶୁଣି ପୁଣି ପଚାରିଲି 'ଭାଇ ତୋ ପାଇଁ ଯେଉଁ ଛେନାପୋଡ଼ ନେଇଥିଲେ ଭଲ ଲାଗୁଥିଲା କି ନାହିଁ ?' ହଁ ବୋଲି ଥତମତ ହୋଇ କହିଲା ଅପା। ଯଦିଓ ଅପା ଭଲପାଏ ବୋଲି ଭାଇ ପାହାଳରୁ ରସଗୋଲା ନେଇ ଯାଇଥିଲେ ବୋଲି ମୁଁ ଜାଣେ। ଏ ଘଟଣାର ଦୁଇ ଦିନ ପରେ କୌଣସି ପ୍ରସଙ୍ଗରେ କଥା ହେଲା ଭିତରେ ବୁଧବାର, ଗୁରୁବାର ପରେ ଆସୁଥିବା ବାରର ନାଁ ଅପା କହି ପାରୁନଥିଲା।

ଏସବୁ ବିଷୟରେ ରାଜୁଭାଇଙ୍କୁ କହିଲି ତ ସେ ମୋତେ 'ତୋ ଅପାର ତ ଭୁଲାମନ। ବୁଢ଼ୀ ହେଲାଣି ତ ଆହୁରି ଭୁଲି ଯାଉଛି। କ'ଣ ଆଉ କରିବା ? ଏଇ ଦେଖୁନୁ ଗ୍ୟାସ୍ ରେ ଆଜି ଭଜା ବସେଇ ଦେଇ ଭୁଲି ଯାଇଛି ଯେ ସବୁ ପୋଡିଗଲା।' କହିଲେ ସେ। ଏସବୁ କଥାକୁ ରାଜୁଭାଇ ଗୁରୁତ୍ୱ ଦେଲେନି ବୋଲି ମୁଁ ବୁଝି ପାରିଲି।

ଇତି ମଧ୍ୟରେ ଆଉ ଗୋଟିଏ ମାସ ବିତି ଯାଇଥିଲା। ଅପା ଦିନକୁ ଦିନ ଆହୁରି ଭୁଲୁଛି ବୋଲି ମୋର ପ୍ରତ୍ୟୟ ହେଲା। ଦିନେ ହଠାତ୍ ପହଞ୍ଚି ଅପାକୁ ନେଇଗଲି ଡାକ୍ତରଙ୍କ ପାଖକୁ।

ଡାକ୍ତରଙ୍କ କଥାରେ ମୋ ଦେହ ଯେମିତି ଥରିବାକୁ ଲାଗିଲା। ସତେ ପାଦ ତଳର ମାଟି ଧସି ପଡିବ କି ? ରିପୋର୍ଟ୍ ଅନୁସାରେ ଅପା ମୁଣ୍ଡରେ ଚାରି ପାଞ୍ଚଟି ଛୋଟ ଛୋଟ ଟ୍ୟୁମର କ୍ୟାନ୍ସର ରୂପ ନେଇ ସାରିଥିଲା। ଦୁଃଖରେ ଭାଙ୍ଗିପଡିଲୁ ସମସ୍ତେ।

ହତବାକ ହୋଇଗଲି ମୁଁ। ଅବହେଳାରୁ ଯେ ଅପାର କ୍ୟାନ୍ସର ତୃତୀୟ ସୋପାନ ଅତିକ୍ରମ କରି ସାରିଲାଣି ଭାବି ରାଜୁ ଭାଇ ମର୍ମାହତ ହେଲେ। ସେଇ ରାତିରେ ଅପାର ଅପରେସନ ହେଲା। ହେଲେ ଅପରେସନର କୌଣସି ସଫଳ ମିଳିଲା ନାହିଁ। ଅପା ଚାଲାଗଲା କୋମାକୁ। ଏ ପରିସ୍ଥିତିରେ କେମୋଥେରାପି ସମ୍ଭବ ନୁହେଁ ବୋଲି କହିଲେ ନ୍ୟୁରସର୍ଜନ। ଅତଏବ ତାଙ୍କରି କଥା ଅନୁଯାୟୀ ଅପାର ଆୟୁଷ ଆଉ ଅତିବେଶୀରେ ସାତ ଆଠ ମାସ।

ଏଇ ଟିକିଏ ଆଗରୁ ଆମେ ଠିଆ ହୋଇ ଥିଲୁ ଅପା ବେଡ ପାଖରେ।

'ଅପା ସତକୁ ସତ ଭୁଲି ଯାଉଛି ଏବେ ସାରା ଦୁନିଆକୁ। ଅଥଚ ଆମକୁ ପଶ୍ଚାତାପରେ ଘାରିହେବାକୁ ବାଧ କରିଛି।' କହିଲି ମୁଁ। ରାଜୁଭାଇ କହିଲେ -' ତୋ ନାନୀର ସିନା ଭୁଲାମନ। ମୁଁ କିନ୍ତୁ ତା ପାଇଁ ଦାୟିତ୍ୱ ଶୂନ୍ୟ.. ସବୁଦିନ। ମୋ ପାଇଁ ତୋ ଅପାର ଆଜି ଏ ଦୁର୍ଦ୍ଦଶା।' ରାଜୁ ଭାଇଙ୍କ ଆଖିରେ ଦେଖିଲି ଲୁହ ଭର୍ତ୍ତି। ମୁଁ ଅପା ଆଡକୁ ଚାହିଁଲି। ମୋତେ ଲାଗିଲା ଅପା ଓଠରେ ଖେଳି ଯାଉଛି ହସର ତଡିତ ଧାରେ...!


କୁଞ୍ଜବିହାରୀ ଲେନ,
କଟକ


## ସୀତାଙ୍କ ଅତିଥି ହେଲେ ରାବଣ


ସନ୍ତୋଷ ମିଶ୍ର




ଜନକ ନନ୍ଦିନୀ ସୀତା ରାମଚନ୍ଦ୍ରଙ୍କୁ ବିବାହ କରି ଅଯୋଧ୍ୟାକୁ ଦଶରଥଙ୍କ ବୋହୂ ହୋଇ ଆସିଲେ। ଅଷ୍ଟମଙ୍ଗଳା ଦିନ ବିଧି ଅନୁଯାୟୀ ନୂଆବୋହୂ ନିଜେ ରାନ୍ଧିଥିବା ଖାଦ୍ୟ ପରିବାରର ସମସ୍ତ ସଦସ୍ୟ ଭକ୍ଷଣ କରିବା କଥା। ଦଶରଥ ଭାବିଲେ ସୀତା ରାଜକନ୍ୟା, ଖାଦ୍ୟ ପ୍ରସ୍ତୁତି ସମ୍ବନ୍ଧରେ ତାଙ୍କର ବିଶେଷ କିଛି ଜ୍ଞାନ ନଥିବ। ତେଣୁ ସେ ସୀତାଙ୍କୁ ଡାକି କହିଲେ - ମା' ସୀତା , ଆଜି ତମେ କେବଳ କ୍ଷୀରି ପ୍ରସ୍ତୁତ କରିବ। ସୀତା ବିନମ୍ର କଣ୍ଠରେ କହିଲେ - ବାପା ! ମୁଁ କ୍ଷୀରି ରାନ୍ଧିଲେ ପ୍ରଥମେ ଜଣେ ବ୍ରାହ୍ମଣ ଖାଇବେ। ତାପରେ ପରିବାରର ଅନ୍ୟ ସମସ୍ତେ ଖାଇବେ। ଦଶରଥ କହିଲେ - ଠିକ୍ ଅଛି। ଜଣେ ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କରି ଆଣିବାର ବ୍ୟବସ୍ଥା କରୁଛି। ସୀତା କହିଲେ - ଆପଣ ଏମିତି ଜଣେ ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କରନ୍ତୁ ଯିଏ ପ୍ରତିଦିନ ବେଦ ପାଠ କରୁଥିବେ, କାହାରି ପୁରୋହିତ ଭାବେ କାର୍ଯ୍ୟ କରି ନଥିବେ, କହାଠୁଁ ଦାନ ଗ୍ରହଣ କରି ନଥିବେ। ଦଶରଥ ଚିନ୍ତିତ ହୋଇ କହିଲେ - ଏ ସମସ୍ତ ସର୍ତ୍ତ ପୂରଣ କରୁଥିବା ବ୍ରାହ୍ମଣ କାହୁଁ ମିଳିବେ। ଆମ୍ଭ ରାଜ୍ୟରେ ଏମିତି ବ୍ରାହ୍ମଣ ଥିବେ ବୋଲି ମୋର ବିଶ୍ୱାସ ହେଉ ନାହିଁ। ତଥାପି ମୁଁ ଦେଖୁଛି। ସେହି ସମୟରେ ଦେବର୍ଷି ନାରଦ ଆବିର୍ଭୂତ ହୋଇ କହିଲେ - ସେମିତି ବ୍ରାହ୍ମଣ ସାରା ସଂସାରରେ କେବଳ ଜଣେ ଅଛନ୍ତି। ସେ ହେଲେ ଲଙ୍କପତି ରାବଣ। ଦଶରଥ ନାରଦଙ୍କୁ ଅନୁରୋଧ କଲେ - ଆପଣ ଲଙ୍କେଶ୍ୱର ରାବଣକୁ ସମସ୍ତ ବୃତ୍ତାନ୍ତ ଜଣାଇ ଆମ୍ଭ ବାସଭବନରେ ସୀତା ରନ୍ଧନ କରିଥିବା କ୍ଷୀରି ଖାଇବା ପାଇଁ ଆମ୍ଭ ତରଫରୁ ନିମନ୍ତ୍ରଣ କରନ୍ତୁ।

ନାରଦ ତୁରନ୍ତ ଲଙ୍କା ଯାଇ ରାବଣଙ୍କୁ ସବୁକଥା ଜଣାଇ ଅଯୋଧ୍ୟା ଆସି କ୍ଷୀରି ସେବନ ପାଇଁ ନିମନ୍ତ୍ରଣ ଜଣାଇଲେ। ଦଶାନନ କିଛି ସମୟ ଚିନ୍ତା କରି କହିଲେ - ନିମନ୍ତ୍ରଣ ରକ୍ଷା କରି ନିଶ୍ଚିତ ମୁଁ ଅଯୋଧ୍ୟା ଯିବି। ମାତ୍ର ମୋର କେତୋଟି ସର୍ତ୍ତ ଅଛି। ସର୍ତ୍ତ ଗୁଡ଼ିକ କଣ ବୋଲି ନାରଦ ପଚାରିବାରୁ ରାବଣ କହିଲେ - ମୋ ସାମ୍ନାରେ ସୀତା ମାଟି ଉପରେ ମୁଠାଏ ଧାନ ବୁଣିବେ, ଧାନରୁ ଗଜା ବାହାରି ଗଛ ହେବ, ଗଛରେ ଧାନ ଫଳିବ, ସେହି ଧାନକୁ କୁଟି ଚାଉଳ ବାହାର କରି, କ୍ଷୀରି କଲେ ମୁଁ ଖାଇବି। ନାରଦ କହିଲେ - ହଉ ସୀତା ତୁମ ସର୍ତ୍ତରେ ରାଜି କି ନାହିଁ ମୁଁ ବୁଝି ଆସି କହୁଚି। ନାରଦ ଅଯୋଧ୍ୟା ଆସି ସୀତାଙ୍କୁ ରାବଣର ସର୍ତ୍ତ ସମ୍ବନ୍ଧରେ କହିଲେ। ସୀତା କହିଲେ - ମୁଁ ସବୁ ସର୍ତ୍ତରେ ରାଜି।

ନାରଦଙ୍କ ସନ୍ଦେଶ ରାବଣ ମନରେ ଭାବାନ୍ତର ସୃଷ୍ଟି କରୁଥିଲା। ସତରେ କଣ ସୀତା ବୈକୁଣ୍ଠ ବାସିନୀ ମା ' ଲକ୍ଷ୍ମୀ !

ରାବଣ ଯଥାସୀନ ହେବା ପରେ ସୀତା ପ୍ରଣାମ କଲେ। ରାବଣ ଆଶୀର୍ବାଦ କଲେ। ତାପରେ ରାବଣଙ୍କ ସମ୍ମୁଖରେ ମାଟି ଉପରେ ମୁଠାଏ ଧାନ ବୁଣି ପାଣି ଛିଞ୍ଚିଲେ। ସହସା ଗଜା ବାହାରି ଗଛ ହେଲା, କେଣ୍ଡା ବାହାରିଲା। ଅଞ୍ଜୁଳାଏ ଧାନ ସଂଗ୍ରହ କରି ସୀତା ତାହାକୁ କୁଟି ଚାଉଳ ବାହାର କରି କ୍ଷୀରି ତିଆରି କଲେ। ସୀତାଙ୍କ ସମସ୍ତ କାର୍ଯ୍ୟକୁ ନିରୀକ୍ଷଣ କରୁଥିବା ରାବଣ ଦୃଢ଼ ନିଶ୍ଚିତ ହେଲେ - ସୀତା ହିଁ ମହାଲକ୍ଷ୍ମୀ, ମାଆ ଅନ୍ନପୂର୍ଣ୍ଣା !!

ରାବଣ କ୍ଷୀରି ଖାଇସାରିବା ପରେ ସୀତା ତାଙ୍କ ଆଗରେ ହାତ ଯୋଡ଼ି ବିନମ୍ର ଭାବେ କହିଲେ - ହେ ବ୍ରାହ୍ମଣ ଦେବତା ! ଏବେ ଦକ୍ଷିଣା ଦେବା ସମୟ। ଦକ୍ଷିଣା ସ୍ୱରୂପ ଆପଣ କଣ ଚାହାନ୍ତି ତାହା ପ୍ରକାଶ କରନ୍ତୁ।

ରାବଣ କହିଲେ - ମାଆ ମୁଁ ଲଙ୍କାକୁ ବୈକୁଣ୍ଠପୁରୀରେ ପରିଣତ କରିବାକୁ ଚାହେଁ। ଆପଣ ପ୍ରଭୁଙ୍କ ସହିତ ଲଙ୍କାରେ ବିରାଜମାନ ହୁଅନ୍ତୁ ! ତାହାହିଁ ହେବ ମୋର ଦକ୍ଷିଣା। ସୀତା କହିଲେ - ତଥାସ୍ତୁ। ପରବର୍ତ୍ତୀ କାଳରେ ରାବଣର ଇଚ୍ଛା ପୂର୍ଣ୍ଣ ହୋଇଥିଲା ଅବଶ୍ୟ। !!!


ଉଦଳା,ମୟୂରଭଞ୍ଜ
ମୋ: ୭୦୦୮୨୩୭୬୫୦


## ଅମୂଲ୍ୟ ସମ୍ପଦ


ଘନଶ୍ୟାମ ପଲେଇ




ସକାଳୁ ସକାଳୁ ଖବରଟା ବ୍ୟାପି ଗଲା ଗାଁ ସାରା। ମୋ ସାଙ୍ଗ ଶରଣ ବାହା ହେଇଯାଇଛି... ଏକ ଧନୀ ଘର ଝିଅ ଦେଖି। ବାହାର ଜାଗାରେ ଯାଇ କେଉଁଠି କାମ କରୁଥିଲା। ସେଇଠି ଗୋଟିଏ ଝିଅକୁ ଭଲ ପାଇ ବସିଲା। ଆଜି ତାକୁ ବାହା ହେଇ ନେଇ ଆସିଛି ଘରକୁ। ଲୋକେ କୁହାକୁହି ହେଉଥିଲେ- ସେ କାଳେ ଆସିଲା ବେଳେ ତା' ଶଶୁର ଘରେ ଥିବା ସବୁ ସମ୍ପତ୍ତିକୁ ଚୋରି କରି ଗୋଟିଏ ଟିଣ ଟ୍ରଙ୍କରେ ଭରି ନେଇ ଆସିଛି। ନୂଆ ବୋହୂ ଦେଖିବା ଅପେକ୍ଷା ଟ୍ରଙ୍କଭରା ସୁନାରୂପା ଗହଣା ଦେଖିବା ପାଇଁ ସଭିଁଙ୍କ ମନ। ମୋତେ ବି କୌତୂହଳ ଓ ଉତ୍ସାହର ଖୋରାକ ଯୋଗାଇଲା ଟ୍ରଙ୍କଟି। ମୁଁ ବି ଚାଲିଲି ତା' ଘର ଆଡିକି ସତ୍ୟାସତ୍ୟ ପରଖିବା ପାଇଁ।

ସେଠାକାର ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହେଇଗଲି। କେତେ ଲୋକ ବାଡକୁ ଆଉଜି ଛିଡା ହେଇଥିଲେ। ଆଉ କିଛି ଟିଉବୱେଲ ପାଖରେ ଥିବା ଅଶ୍ୱତ୍ଥ ଗଛ ମୂଳେ ପଇଁତରା ମାରି ହସାହସି ହେଉଥିଲେ। ସମସ୍ତଙ୍କ ସମୟ ପ୍ରାୟ ସେଇଠି ଅଟକି ଯାଇଥିଲା କହିଲେ ଚଳେ। ଲୋକମାନେ ଦୁଃଖଧନ୍ଦା ଯିବାକୁ ଗୋଟାପଣେ ଭୁଲି ଯାଇଥିଲେ। ଅନ୍ୟଗ୍ରହରୁ ଜୀବଟେ ପଳେଇ ଆସିଲା ଭଳି ସଭିଏଁ ଦେଖୁଥିଲେ। ସ୍ତ୍ରୀ ଲୋକଙ୍କ ଭିଡଟା ବେଶି ଥିଲା କାରଣ ତାଙ୍କର ଇଚ୍ଛା ଥିଲା ସେଇ ଟ୍ରଙ୍କରେ କ'ଣ ଅଛି ଦେଖିବାକୁ... କ'ଣ ଜିନିଷ ପତ୍ର ଆଣିଛି ଜାଣିବାକୁ ...।

ଏଣେ ମୋ ସାଙ୍ଗ ବସିଛି ଘରର ଏରୁଣ୍ଡି ବନ୍ଧ ଉପରେ ଏକ ଗଡ ଜିଣା ମନନେଇ। ମୋର ବି ପ୍ରବଳ ଆଗ୍ରହ... ସେଇ ବାକ୍ସ ଭିତରେ କ'ଣ ଅଛି ଜାଣିବାକୁ।ବୁଲେଇ ବାଙ୍କେଇ ପଚାରି କଥା ଆଦାୟ କରିବାକୁ ଚେଷ୍ଟା କଲି। ସାଙ୍ଗ ପାଖକୁ ଯାଇ ତା'ର ଭଲ ମନ୍ଦ ଜିଜ୍ଞାସା କରି ପଚାରିଲି- ଟ୍ରେନ ଆସିଲା ବେଳେ କିଛି ଅସୁବିଧା ହେଇନି ତ... ଭାଉଜ କାହିଁ ଦେଖା ଯାଉ ନାହାଁନ୍ତି..?

ସେ ଟିକିଏ ହସି ଚୁପ ରହିଲା ଆଉ ଘର ଭିତରେ ଓଢଣା ପକାଇ ବସିଥିବା ନୂଆ ବୋହୁଟି ଆଡକୁ ହାତ ଦେଖେଇ କହିଲା- ଦେଖ ! ସେଇଠି ବସିଛି।

ମୁଁ ଅନେଇଲି ଘର ଭିତରକୁ ସତରେ ଗୋଟିଏ ମଶିଣାରେ ବସିଛନ୍ତି ନୂଆ ବୋହୁ ଜଣଙ୍କ। ପାଖରେ ଦୁଇଟି ତକିଆ। ଟିକିଏ ସେପଟକୁ ସେଇ ଇପସିତ୍ ଟ୍ରଙ୍କ। ଆଉ ସେଇ ଟ୍ରଙ୍କ ଉପରେ ସଭିଙ୍କ ନଜର। ମୁଁ ଥରେଟେ ଭଲ କି ନଜର ବୁଲେଇ ଆଣିଲି ଟ୍ରଙ୍କ ଉପରେ। ବେଶି ବଡ ନୁହେଁ, ମଧ୍ୟମ ସାଇଜର... ଟିଣ ବାକ୍ସରୁ ଟିକିଏ ବଡ ହେବ। ଗୋଟିଏ ସାଇଡ କେଉଁଠି ବାଜି ଚେପା ଦିଶୁଥାଏ।

ମୁଁ ଆଉ ମୋ ଆଗ୍ରହକୁ ଅଟକାଇ ପାରିଲି ନାହିଁ। ପଚାରିଦେଲି- ସତରେ କ'ଣ ସେଇଠି ଅମୂଲ୍ୟ ଜିନିଷ ସବୁ ଭରିକି ରଖିଛୁ।

ସେ ହସି କି କହିଲା- ହଁ ! ସେଥିରେ ରହିଛି ଅମୂଲ୍ୟ ସମ୍ପଦ। ମୁଁ ତାକୁ କହିଲି – ଟିକିଏ ଖୋଲି କି ଦେଖାନ୍ତୁ ନାଇଁ...ସଭିଏଁ ତାହାକୁ ଦେଖିବାକୁ ଭିଡ କରିଛନ୍ତି... ଦେଖିଦେଲେ ଭିଡ କମିଯିବ। ଶରଣ ମୋର ଭଲ ସାଙ୍ଗ। ମୋ କଥା ଟାଳି ଥାନ୍ତା ବା କିପରି। ସେ ରାଜି ହେଇଗଲା। ଆମେ ଦିହେଁ ମିଶି ଟ୍ରଙ୍କଟିକୁ ପଦାକୁ ଟେକି ଆଣିଲୁ। ସମସ୍ତଙ୍କ ସାମ୍ନାରେ ଖୋଲା ହେଲା ଟ୍ରଙ୍କର ଚାବି।

ହେଲେ ଏ କ'ଣ... ଏହା ଭିତରେ ତ କପଡା ଘୋଡା ହେଇ ରଖା ହେଇଛି ଏକ ହାରମୋନିୟମ୍।

ଆଶ୍ଚର୍ଯ୍ୟ ହେଇ ପଚାରିଲି- ଏଠି ତ ଖାଲି ହାରମୋନିୟମଟେ ଅଛି... କାହିଁ ସମ୍ପତ୍ତି।

ସେ କହିଲା- ମୋ ଶଶୁର ଆସିଲା ବେଳେ କହିଲେ... ଯାହାତ ହେଲାଣି ହେଲାଣି... କ'ଣ ସମ୍ପତ୍ତି ମାଗିବା କଥା ମାଗ। ମୁଁ ତାହା ପୂରଣ କରିବାକୁ ଚେଷ୍ଟା କରିବି। ମୁଁ ତାଙ୍କ ଘରର ଗୋଟିଏ କୋଣକୁ ପଡିଥିବା ପୁରୁଣା ହାରମୋନିୟମଟିକୁ ଦେଖେଇ ମାଗିଲି।

ସେ ହସିଲେ। କହିଲେ- ଏହା ଛଡା ଆଉ କିଛି..?

– ମୋର ଆଉ କିଛି ଦରକାର ନାହିଁ। କାରଣ ସମସ୍ତଙ୍କୁ ଦେଲାବାଲା ତ ଜଣେ। ସକାଳେ ସନ୍ଧ୍ୟାରେ ପ୍ରର୍ଥାନା କରିବି ଏହାକୁ ବଜାଇ। ସେଇ ହିଁ ପୂରଣ କରିବେ ମୋର ଅଭାବ।

ଏଣେ ରୁଣ୍ଡ ହେଇଥିବା ଲୋକେ ଧନ ସମ୍ପତ୍ତି ନଦେଖି ପାରି ଫେରି ଯାଉଥିଲେ ନିଜ ନିଜ ବାଟରେ। ହେଲେ ମୁଁ ଦେଖି ପାରୁଥିଲି ସାଙ୍ଗ ମନ ଭିତରେ ଲୁଚି ରହିଥିବା ପୁଳାପୁଳା ଅମୂଲ୍ୟ ସମ୍ପଦକୁ।


ଟେନସା, ସୁନ୍ଦରଗଡ-୪୨,
ମୋ- ୯୪୩୭୭୧୮୫୦୦


## ଶାନ୍ତି


ସୁନନ୍ଦା ମହାନ୍ତି


ଝଡ଼ର ସାମ୍ନା କରି କରି କଠିନ ହୃଦୟକୁ ଏ ପ୍ରାକୃତିକ ଝଡ଼ କଣ କରିପାରିବ ଭାବି ଦାମୋଦର ସେଦିନ ରିକ୍ସା ନେଇ ବାହାରିଗଲା ବେଳେ ସ୍ତ୍ରୀ ବାରଣ ମାନିଲେନି କି ପିଲାଙ୍କ ଡାକ ଶୁଣିଲେନି। ବାଟରେ କିନ୍ତୁ ରିକ୍ସାର ହୁଡ଼ ଉଡ଼ିଗଲା ପରେ ଦାମ ବୁଝିଗଲେ ସଂସାରିକ ଝଡ଼ ଓ ପ୍ରାକୃତିକ ଝଡ଼ ଭିତରେ କେତେ ଫରକ। ଏ ପ୍ରାକୃତିକ ବିପର୍ଯ୍ୟୟରେ ମଣିଷ ବଣି ଚଢେଇଟିଏ ମାତ୍ର। ରାସ୍ତାରେ କେହି ନଥିଲେ ପୁରା ଖାଁ ଖାଁ ଓ ଶୂନଶାନ ସାଙ୍ଗକୁ ସାଇଁ ସାଇଁ ପବନ, ବିଜୁଳି ଘଡଘଡିରେ ଗଛ ସବୁ ସତେକି ତା ଉପରେ ଓ ତା ଅତିପ୍ରିୟ ରିକ୍ସାକୁ ଭାଙ୍ଗିରୁଜି ଚୁରମାର କରିଦେବ। ଝଡ଼ର ପ୍ରକୋପରୁ ରକ୍ଷା ପାଇବା ପାଇଁ ଆଉ ବୁଦ୍ଧି ବାଟ ଦିଶୁନଥିଲା ତ ମିଞ୍ଜି ମିଞ୍ଜି ଜଳୁଥିବା ଦୀପ ଆଲୋକରେ ସେ ଯୋଉଠି ଆଶ୍ରୟ ନେଲେ ତାହା ଏକ ମନ୍ଦିର ଥିଲା। ସେଠି ରତ୍ନବେଦୀ ଉପରେ ରାମ, ଲକ୍ଷ୍ମଣ, ସୀତା ବସିଥିଲେ। ଜୀବନରେ ଅନେକ ଝଡ଼ର ସାମ୍ନା କରୁ କରୁ ଠାକୁରଙ୍କ ଉପରେ ବିଶ୍ୱାସ ଭରଷା ତୁଟେଇ ଦେଇଥିବା ଦାମୋଦର ଓରଫ ଦାମ ଆଜି ପ୍ରଭୁ ଶ୍ରୀରାମଙ୍କ ଆଗେ ହାତ ଯୋଡୁଥିଲେ, ପ୍ରଭୁହେ ମୋ ସଂସାର ରକ୍ଷା କର। କିଛି ସମୟ ଅତିକ୍ରାନ୍ତ ହେବା ପରେ ଝଡ଼ ଚାଲିଗଲା ଝଡ଼ର ବାଟରେ ବାତାସୀ ହୋଇଲା ଠିଆ... ଭଗ୍ନ ମନ ନେଇ ମନ୍ଦିର ଭିତରୁ ଦାମ ଚାଲିଲେ ଏକୁଟିଆ।

ଘରେ ପହଁଚିଲା ପରେ ଦଉଡି ଆସିଲା ସ୍ତ୍ରୀ। ଦେହ ମୁଣ୍ଡ ପୋଛି ପକେଇ କୋଉଠି ଥିଲ ଏଯାଏଁ ପଚାରିଲା ବେଳେ ପୁଅ ଦଉଡି ଆସି କହୁଥିଲା ଦୁଃଖ କରନି ବାପା ଏଇ ନିଅ ମୋ ସରାଗାତ, ଏଥିରେ ଥିବା ପଇସାରେ ତୁମ ରିକ୍ସାର ହୁଡ ତିଆରି କରିନେବ। ଝିଅ ଆସି ଦେଖାଉଥିଲା ଦେଖିଲ ବାପା ଏ ବଣି ଚଢେଇଟିକୁ। ଝଡ଼ ବର୍ଷାରେ ଖସି ପଡିଥିଲା ନୀଡ଼ରୁ ତ ମୁଁ ତାକୁ ଚାଉଳ ଖୁଆଇ ପାଣି ପିଆଇ ଅଖା ଭିତରେ ରଖିଛି। ହେଲେ ସେ ଖାଲି ଉଡିଯିବାକୁ ଚାହୁଁଛି। ଏବେ ଉଡିଗଲେ ଝଡ଼ ପ୍ରଭାବରେ ତାର ଯଦି କିଛି ହୋଇଯାଏ ମତେ କାନ୍ଦ ମାଡିବ ବାପା। ଦାମ କହୁଥିଲେ କିଛି ହେବନି ଝିଅ ତା ପରିବାର ତାକୁ ଚାହିଁଥିବେ। ଠାକୁର ଘରୁ ଦାମର ବୁଢୀମା ବାହାରି ଆସି କହୁଥିଲେ ଏଇ ନେ ପ୍ରଭୁ ଶ୍ରୀରାମଙ୍କ ଛଡା ତୁଳସୀ ସମସ୍ତେ ପାଇ ବଣିକୁ ଦିଅ। ସେ ନିର୍ବିଘ୍ନରେ ଉଡିଯିବ। ଦାମ ଆଖିରେ ସେଇ ମନ୍ଦିରରେ ଥିବା ତିନି ମୂର୍ତ୍ତି ଦୃଷ୍ଟି ଗୋଚର ହେଉଥିଲେ ତ ନିଜ ଅଜଣାତରେ ତାଙ୍କ ପାଟିରୁ ବାହାରୁଥିଲା ଜୟ ଶ୍ରୀରାମ। ମୁଣ୍ଡିଆ ମାରି ନିଜକୁ ନିଜେ କହୁଥିଲେ ଦାମ ଯେ ଆସୁ ଯେତେ ଝଡ଼ ବିଭୀଷିକା... ପରିବାରରେ ଥିଲେ ସ୍ନେହ ଶ୍ରଦ୍ଧା ଆନ୍ତରିକତା ଭରା କଳିକା... ସମାଧାନ କରିବାକୁ ଝଡ଼ ଏକ ମଉକା। ସ୍ତ୍ରୀ କହୁଥିଲେ ତୁମେ କେବେଠୁ କବି ହେଲଣି ମ। ପୁଅ ଝିଅ ହସି ହସି ବେଦମ । ବୁଢୀମା ନାତି ନାତୁଣୀଙ୍କ ପଛରେ ଯାଉଥିଲେ ବଣି ଚଢେଇକୁ ସୁବିଧାରେ ଉଡେଇଦେବାକୁ। ଦାମ ସେଦିନ କହୁଥିଲେ ପ୍ରକୃତରେ ଟଙ୍କା ନୁହେଁ ବରଂ ସ୍ନେହ, ଶ୍ରଦ୍ଧା, ଭଲପାଇବା, ସହୃଦୟତା ହିଁ ପ୍ରକୃତ ଶାନ୍ତି, ଯାହା ଭଗବାନ ନିଜ ଗୋଡ଼ ତଳେ ଲୁଚାଇ ମୋ ଭଳି ଗରୀବ ଲୋକ ଝୁଲାରେ ଦେଇଛନ୍ତି ଭରି। ତ ଶେଷ କେଇ ପଦ ଶୁଣି ସ୍ତ୍ରୀ କହୁଥିଲେ ପ୍ରଭୁ ନାରାୟଣ କଣ ତାଙ୍କ ଗୋଡ଼ ତଳେ ଚାପି ରଖିଥିଲେ ? ଦାମ କହିଚାଲିଥିଲେ କଥାଟି ଥିଲା, ସୃଷ୍ଟି ରଚନା ସମୟର କଥା। ସମସ୍ତ ପ୍ରାଣୀ ନିଜ ନିଜର ଦାବି ଏବଂ ଆବଶ୍ୟକତା ମାଗିବାକୁ ଭଗବାନ ବିଷ୍ଣୁଙ୍କ ସମ୍ମୁଖରେ ଉପସ୍ଥିତ ହେଲେ। କାହାର କ'ଣ ଦରକାର ସେମାନେ ଭଗବାନ ବିଷ୍ଣୁଙ୍କୁ ମାଗୁଥାନ୍ତି। ଯିଏ ଯାହା ମାଗୁଥାଏ, ତା'କୁ ଭଗବାନ ଅଚିରେ ଦାନ କରୁଥାନ୍ତି। ଶ୍ରୀବିଷ୍ଣୁଙ୍କ ଦାନଶୀଳତା ଦେଖି ମାତା ମହାଲକ୍ଷ୍ମୀ ଅତ୍ୟନ୍ତ ଗର୍ବ ଅନୁଭବ କରୁଥାନ୍ତି। ତେବେ ଦାନ କରିବା ସମୟରେ ଶ୍ରୀବିଷ୍ଣୁ କୌଣସି ଏକ ବସ୍ତୁକୁ ନିଜ ପାଦ ତଳେ ଚାପି ଦେଉଥିବାର ଦେଖିପାରିଲେ ମାତା ଲକ୍ଷ୍ମୀ। ସମସ୍ତ ପ୍ରାଣୀ ନିଜ ଇଚ୍ଛା ମୁତାବକ ବସ୍ତୁ ପାଇସାରି ସୃଷ୍ଟିରେ ନିଜ ନିଜ ସ୍ଥାନକୁ ଫେରିଗଲେ। ଏକାନ୍ତ ହେବାରୁ ମାତା ଲକ୍ଷ୍ମୀ ପଚାରିଲେ, ହେ ନାରାୟଣ। ନିଜର ପଦ୍ମ ପାଖୁଡା ସଦୃଶ ପାଦତଳେ ଆପଣ ଏମିତି କେଉଁ ବସ୍ତୁ ଲୁଚାଇଦେଲେ ? ଶ୍ରୀବିଷ୍ଣୁ କହିଲେ, ଦେବୀ କମଳା ! ମୁଁ ସମସ୍ତ ଜୀବଙ୍କୁ ସବୁ ପ୍ରକାର ବସ୍ତୁ ପ୍ରଦାନ କଲି, କିନ୍ତୁ 'ଶାନ୍ତି' ନାମକ ବସ୍ତୁ କାହାରିକୁ ଦେଇନାହିଁ। ସଂସାରର ଭୋଗବିଳାସ ଏବଂ ମୋହମାୟାର ଜଞ୍ଜାଳରେ ପଡି ବ୍ୟତିବ୍ୟସ୍ତ ହୋଇ ପଡୁଥିବା ଜୀବ ଯେତେବେଳେ ମୋ ଚରଣରେ ଶରଣ ଯିବ ସେତିକିବେଳେ ମୁଁ ତା'କୁ ମୋ ପାଦତଳେ ଲୁଚାଇ ରଖିଥିବା ଶାନ୍ତି ପ୍ରଦାନ କରିବି। ଠିକ ସେତିକି ବେଳକୁ ପୁଅ ଝିଅ ଦୁହେଁ ଜେଜେମାଙ୍କ ସଙ୍ଗେ ଘରେ ପହଞ୍ଚି, କି ଶାନ୍ତିରେ ବଣିଚଢେଇଟି ଆକାଶକୁ ଉଡ଼ିଗଲା ଦେଖିବାର କଥା ବୋଲି କହୁଥିଲେ। ସ୍ୱାମୀ ସ୍ତ୍ରୀ ପରସ୍ପର ମୁହଁକୁ ଚାହିଁ ରହିଥିଲେ।


ସାକ୍ଷୀଗୋପାଳ
ପୁରୀ
୯୦୪୦୯୭୭୩୨୭


## ମହୁଆ


ମୂଳହିନ୍ଦୀ-ପ୍ରଗତି ତ୍ରିପାଠୀ
ଅନୁବାଦ-ମନୋଜ କୁମାର ବେହେରା




ମହୁଆ ଘର ପଛ ପଟେ ଥିବା ବେଞ୍ଚ ଉପରେ ବସି ତା'ସ୍ୱାମୀ ମିହିର କଥା ଭାବୁଥିଲା। ତା'ର କଲେଜ ବେଳର କଥା ମନେ ପଡୁଥିଲା । ମିହିର କେମିତି ତା' ପଛରେ ପଡିଥିଲେ । ଆଉ ଶେଷକୁ ମୋତେ ପାଇ କହିଲେ, ମନ ଚାହୁଁଥିଲା ଗୋଟେ ପ୍ରେମିକା, ମୋତେ ମିଳିଗଲା ମୋର ନାୟିକା.. ସେ ହେଲା ମୋ ମହୁଆ.. ଭଗବାନଙ୍କର ଲେଖା କ'ଣ ଥିଲା କେଜାଣି ମିହିର ଦିନେ ହୃଦଘାତ୍‌ରେ ମୋତେ ଛାଡି ଆର ପାରିକୁ ଚାଲିଗଲେ । ସେତେବେଳେ ମୋ ଝିଅ ରାଣୀର ବୟସ ଚାରିବର୍ଷ ହେଇଥିଲା ।

ସାତ ବର୍ଷର ରାଣୀ ଏହା ବୁଝି ପାରୁ ନଥିଲା କି ତା ମା ମହୁଆ ଅନ୍ୟ ମହିଳାଙ୍କ ପରି ମୁଣ୍ଡରେ ଟିକିଲି ଆଉ ସିନ୍ଦୁର କାହିଁକି ଲଗଉନି । ତାକୁ ବିଧବାର ଶବ୍ଦ ଜଣାନଥିଲା।

ହଠାତ୍ ସାତବର୍ଷର ରାଣୀ ଆସି ତାକୁ ପ୍ରଶ୍ନକଲା, ତୁମେ ଜେଜେ ମା ଆଉ ବଡ ମା'ଙ୍କ ପରି ମୁଣ୍ଡରେ ଟିକିଲି, ସିନ୍ଦୁର କାହିଁକି ପିନ୍ଧୁନ ? ଆଉ ଚୁଡି ପାଉଁଜି କାହିଁକି ପିନ୍ଧୁନ ?

ଏହା ଶୁଣି ମହୁଆ ଆଉ କ'ଣ କହିବା ସେ ଏହି କଥାକୁ ଏଡେଇବାକୁ ଚେଷ୍ଟା କରୁଥିଲା ଆଉ ସେଠାରେ ସେ ତା'ର ଶାଶୂଙ୍କୁ ନୂଆ ଚୁଡି ପିନ୍ଧିବାର ଦେଖୁଥିଲା। ମହୁଆ ଏହା କେମିତି କହିବ କି ସେ ଗୋଟିଏ ବିଧବା ବୋଲି । ସମାଜର ନିୟମ କାନୁନରେ ବିଧବା ମହିଳାଙ୍କୁ ଶୃଙ୍ଗାର କରିବାର ଅଧିକାର ନାହିଁ । ବିଧବା.. ଏହି ନାମ ସେହି ମହିଳାକୁ ଦେଇଥାନ୍ତି ଯାହାର ସ୍ୱାମୀମରି ଯାଇଥାଏ । ଆଉ ସେ ନିଜ ସହିତ ତା'ର ଜୀବନର ଶୃଙ୍ଗାରକୁ ମଧ୍ୟ ସାଙ୍ଗରେ ସବୁଦିନ ପାଇଁ ନେଇକରି ଚାଲିଯାଏ ।

ସେ ମହିଳା ନା' ଖୋଲି କରି ହସି ପାରିବ ନା'ହିଁ ପର୍ବ ପର୍ବାଣୀ ଆଉ ଉତ୍ସବରେ ଭାଗନେଇ ପାରିବ । ଏଭଳି ମହିଳା ନିଜର ଆଶାକୁ ପୁଡିଆ ବନେଇ କରି ସିନ୍ଦୁକ ଭିତରେ ବନ୍ଦ କରିକି ଗୋଟିଏ ବଡତାଲା ଲଗେଇ ଦେଇଥାଏ । ଆଉ ଚାବି କେଉଁ ଦୂର ସାଗରର ଗଭୀରତାରେ ଫୋପାଡି ଦେଇଥାଏ । ଯାହା କାହାକୁ କେବେ ଜଣା ପଡି ନଥାଏ। କିନ୍ତୁ ସେ ତ ଗୋଟିଏ ମଣିଷ । ଆଉ ଗୋଟିଏ ମହିଳା ମଧ୍ୟ । କେବେ ତା'ର ମନ କରୁଥିବକି ତା'ମୁଣ୍ଡରେ ସିନ୍ଦୁର ନହେଲେ ନାହିଁ ମଥାରେ ତ ଗୋଟିଏ ଟିକିଲି ଲଗେଇ ପାରିବ। ଚୁଡି ସେଟ୍ ନହେଲେ ନାହିଁ ଦୁଇପଟ ଚୁଡି ସେ ତ ପିନ୍ଧି ପାରିବା ତା' ଶାଶୂ ମହୁଆର ପୀଡାକୁ ଭଲ ଭାବରେ ଜାଣିଥିଲେ । କିନ୍ତୁ ସମାଜର ନିୟମର ବିରୁଦ୍ଧରେ ଯିବାକୁ ଚାହୁଁ ନଥିଲେ । ପରମ୍ପରା ଆଉ ନିୟମକୁ ଆଗକୁ ବଢେଇବାର ଠିକା ଘରର ମହିଳାମାନେ ନେଇ ଯାଉଥିଲେ । ପୁରୁଷଙ୍କର ଦବ୍‌ଦବା ବାଲା ସମାଜରେ ପୋଷଣ ସେମାନେ କରି ଆସିଛନ୍ତି । ଆଗକୁ ମଧ୍ୟ କରୁଥିବେ ।

ଯମୁନା ଜଣେ ଥିଲା, ଯିଏ ମହୁଆର ବଡ ଯା, ଯାହାକୁ ମହୁଆର ଦୁଃଖ ଆଉ ସମ୍ଭାଳି ହେଉ ନଥିଲା । ସେ ଶାଶୂଙ୍କ ଠାରୁ ଲୁଚିକରି ମହୁଆକୁ ସାହାଯ୍ୟ କରୁଥିଲେ ଆଉ କହୁଥିଲେ ଆରେ ମହୁଆ! ତୁ ଟିକିଲି ଲଗା । ବିନା ଟିକିଲିରେ ତୋର ଚେହେରା ଖାଲି ଦେଖା ଯାଉଛି ।

ଏହି କଥାରେ ମହୁଆ କୁହେ, 'ଦିଦି କାଶ୍! ଏହି କଥା ଶାଶୂ ମା'ମୋତେ କୁହନ୍ତେ କି, ତା'ହେଲେ ମୁଁ ଟିକିଲି ଅବଶ୍ୟ ଲଗାନ୍ତି' । ଯମୁନା ମା'ଙ୍କ ସହିତ ବହୁତ ଝଗଡା କଲା ପରେ ଯାଇ ରଙ୍ଗୀନ ଶାଢି ଘରେ ପିନ୍ଧିବାକୁ ଅନୁମତି ଦେଲେ । ଏତିକିରେ ମହୁଆ ସନ୍ତୁଷ୍ଟ ଥିଲା କିନ୍ତୁ ଯମୁନା କିନ୍ତୁ ବହୁତ ଦୂରର କଥା ସବୁ ଭାବି ରଖିଥିଲା । ଯାହା ଶାଶୂ ମା' ଜାଣି ନଥିଲେ ଆଉ ନା' ମହୁଆ ।

ପ୍ରକୃତରେ ଯମୁନା ତ ମହୁଆର ଦ୍ୱିତୀୟ ବାହାଘର କରିବା ପାଇଁ ଭାବି ନେଇ ଥିଲା । ରଜର ଉତ୍ସବ ପାଖେଇ ଆସୁଥିଲା । ସେଥିପାଇଁ ଆଜି ଚୁଡି ବିକିଲାବାଲୀ ମାଉସୀ ଆସିଥିଲେ ଯମୁନା ପାଇଁ । ମହୁଆ ଚୁଡିକିଣୁଥିଲେ ଆଉ ତା' ସହିତ ଗୋଟିଏ ସୁନ୍ଦର ଶାଢୀ ମଧ ଆଣିଥିଲେ ତାକୁ ଉପହାର ଦେବା ପାଇଁ । ଏହାକୁ ଦେଖିକରି ରାଣୀ ମଧ୍ୟ ସେ ଚୁଡିବାଲୀ ମାଉସୀଙ୍କ ପାଖକୁ ଆସିଲା ଆଉ ତାକୁ ମଧ୍ୟ ମାଉସୀ ସୁନ୍ଦର ଚୁଡି ପିନ୍ଧେଇ ଦେଲେ । ଚୁଡି ପିନ୍ଧିକରି ସେ ତା' ମାଆକୁ ଦେଖେଇବା ପାଇଁ ଗଲା । ମନରେ ଉଠୁଥିବା ପ୍ରଶ୍ନକୁ ମଧ୍ୟ ପଚାରି ଦେଲା, 'କିନ୍ତୁ ମା' ଏଥର ମଧ୍ୟ କଥାକୁ ଟାଳି ଦେଲେ' । କିନ୍ତୁ ରାଣୀ ଦୌଡି କରି ଆସି ସେ ଚୁଡି ବିକାଳୀ ମାଉସୀଙ୍କ ପାଖକୁ ଆସି ପଚାରିଲା, ମାଉସୀ ମୋ ମା'କୁ ମଧ୍ୟ ଚୁଡି ପିନ୍ଧେଇ ଦିଅ ।

ଛୋଟ ଛୁଆର ଏହି କଥାରେ ଚୁଡି ବିକାଳୀ ମାଉସୀ ଆହାଃ! କରି କାନ୍ଦୁକୁ ଡେରୀ କରି ବସିଲେ । ସେ ତ ଏହିକଷ୍ଟକୁ ବହୁବର୍ଷ ହେଲା ସହି ଆସୁଛନ୍ତି । ତା'ପ୍ରଶ୍ନର ଉତ୍ତର ନଦେବା ପରେ ରାଣୀ ଯାଇକରି ଜେଜେ ମାଙ୍କୁ ପ୍ରଶ୍ନ କରିବାକୁ ଲାଗିଲା, ଆଉ ଜେଜେମା' କହିଲେ, ସୁହାଗର ଜିନିଷ ତୋ ମା' ଏବେ ଆଉ ପିନ୍ଧି ପାରିବ ନାହିଁ ।

କିନ୍ତୁ କାହିଁକି ଜେଜେ ମା'?

ତୁ ଏବେ ଏହି କଥା ବୁଝି ପାରିବୁ ନାହିଁ ।

ସମସ୍ତେ ଏହା କହୁଛନ୍ତି କି ତୁ ବୁଝି ପାରିବୁନି । କିନ୍ତୁ ସ୍କୁଲର ସାର୍ ତ କୁହନ୍ତି କି ତୋର ବୁଦ୍ଧି ପ୍ରଖର ଆଉ ତୁ ପାଠ ପଢାରେ ଅନ୍ୟମାନଙ୍କ ଠାରୁ ବହୁତ ଆଗରେ ଅଛୁ। ପ୍ରତ୍ୟେକ କଥା ମୁଁ ଶୀଘ୍ର ବୁଝିଯାଏ ।

ଏଠାକୁ ଆସିଲୁ ରାଣୀ! ମୁଁ ତତେ ବତଉଛି କି ଏହି ପ୍ରଶ୍ନ ତୋ ସିଲାବସ୍‌ର ବାହାରେ । ଏହା ବଡ କ୍ଲାସ୍‌ର ଛୁଆ ବୁଝି ପାରିବେ। ତୁ ଏବେ ବହୁତ ଛୋଟ ଅଛୁ । ଯେମିତି ଯେମିତି ତୁ ବଡ ହେଇ ଯିବୁ, ନିଜେ ଯାଇ ବୁଝି ପାରିବୁ। ଯମୁନା ଏହା କଥା ରାଣୀକୁ କହୁଥିଲା । ବଡ ମା' ଆପଣ ଯାହା କହୁଛନ୍ତି ମତେ ଠିକ୍ କହୁଛନ୍ତି । ଯମୁନା ଏବେ ରାଣୀକୁ କହିଲା ଯାଆ ଏବେ ତୁ ଯାଇ ତୋ ସାଙ୍ଗମାନଙ୍କ ସହିତ ଖେଳ ।





ପ୍ଲଟ ନମ୍ବର-୨୧୭/ପି,
ବାୟା ବାବା ମଠ ଲେନ୍,
ୟୁନିଟ୍-୯ (ଫ୍ଲାଟ), ଭୁବନେଶ୍ୱର-୨୨
ଫୋନ୍-୭୯୭୮୩୦୬୧୧

# ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍‌ରେ ଖେଳିବେ ରୋହିତ ଶର୍ମା ଓ ବିରାଟ କୋହଲି !

**ନୂଆଦିଲ୍ଲୀ**



ଭାରତୀୟ ଟିମ୍‌ର ଦୁଇ ହେଭିୱେଟ୍ ହେଉଛନ୍ତି ବିରାଟ କୋହଲି ଓ ରୋହିତ ଶର୍ମା। ଉଭୟ ନିକଟରେ ଟେଷ୍ଟ କ୍ରିକେଟ ଓ ଏହାପୂର୍ବରୁ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ଉଭୟ କେବଳ ଭାରତ ପାଇଁ ଦିନିକିଆ ମ୍ୟାଚ୍ ଖେଳିବେ। ଏବେ ମିଳିଥିବା ଖବର ଅନୁସାରେ, ଆସନ୍ତା ଅକ୍ଟୋବରରେ ଉଭୟଙ୍କୁ ଭାରତ ପାଇଁ ଖେଳୁଥିବାର ଦେଖିବାକୁ ମିଳିପାରେ। କାରଣ ଆସନ୍ତା ଅକ୍ଟୋବରରେ ଅଷ୍ଟ୍ରେଲିଆରେ ଦିନିକିଆ ସିରିଜ ଖେଳିବାକୁ ଯିବ ଭାରତ। ଏହି ସମୟରେ ଦୁଇ ତାରକା ନଜର ଆସି ପାରନ୍ତି। ଚଳିତ ବର୍ଷ ବହୁତ କମ୍ ସଂଖ୍ୟକ ଦିନିକିଆ ସିରିଜ ଖେଳାଯିବାର ରହିଛି। ତେଣୁ ବିରାଟ ଓ ରୋହିତ ମଧ୍ୟ ଭାରତ ପାଇଁ ଖୁବ୍ କମ୍ ମ୍ୟାଚ୍ ଖେଳିବେ।

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦିନିକିଆ ସିରିଜ୍ ଅକ୍ଟୋବର ୧୯ରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚ୍ ପର୍ଥରେ ଖେଳାଯିବାକୁ ଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ଆଡିଲେଡ୍‌ରେ ଅକ୍ଟୋବର ୨୩ରେ ଅନୁଷ୍ଠିତ ହେବ। ସିରିଜ୍‌ର ଶେଷ ମ୍ୟାଚ୍ ଅକ୍ଟୋବର ୨୫ରେ ସିଡ୍‌ନୀରେ ଖେଳାଯିବ।

ଦିନିକିଆ ସିରିଜ ଅକ୍ଟୋବରରୁ ଆରମ୍ଭ ହେଉଥିବା ବେଳେ ଏବେଠାରୁ ବିରାଟ ଓ ରୋହିତଙ୍କୁ ଦେଖିବା ପାଇଁ ଫ୍ୟାନ୍ସ ବେଶ୍ ଉତ୍ସାହିତ ହୋଇ ପଡ଼ିଛନ୍ତି।

# ଏସିଆ କପ୍‌ରେ ରଦ୍ଦ ହୋଇପାରିବନି ଭାରତ-ପାକିସ୍ତାନ ମ୍ୟାଚ୍

**ନୂଆଦିଲ୍ଲୀ**

ସେପ୍ଟେମ୍ବର ୮ରୁ ଆରମ୍ଭ ହେବାକୁ ଥିବା ଏସିଆ କପ୍‌ରେ, ଚିର ପ୍ରତିଦ୍ୱନ୍ଦ୍ୱୀ ଭାରତ ଏବଂ ପାକିସ୍ତାନ ୧୪ ତାରିଖରେ ମୁହାଁମୁହିଁ ହେବାର କାର୍ଯ୍ୟକ୍ରମ ରହିଛି। ଟୁର୍ଣ୍ଣାମେଣ୍ଟ ସୂଚୀ ପ୍ରକାଶ ପାଇବା ପରଠାରୁ, ପାକିସ୍ତାନ ସହିତ ମ୍ୟାଚ ବର୍ଜନ କରିବାକୁ ଦାବି ହୋଇଆସୁଛି। ଭାରତ ସରକାର ଏବଂ ବିସିସିଆଇ ଉଭୟ ଏହି ସମ୍ପୂର୍ଣ୍ଣ ମାମଲାରେ ନୀରବତା ଅବଲମ୍ବନ କରିଛନ୍ତି। କିନ୍ତୁ ଯଦି ଗଣମାଧ୍ୟମ ରିପୋର୍ଟକୁ ବିଶ୍ୱାସ କରାଯାଏ, ତେବେ ଭାରତ-ପାକିସ୍ତାନ ମ୍ୟାଚ୍ କୌଣସି ପରିସ୍ଥିତିରେ ବାତିଲ କରାଯାଇପାରିବ ନାହିଁ।



ଦି ନ୍ୟାସନାଲ ସହିତ କଥାବାର୍ତ୍ତା ସମୟରେ, ଏମିରେଟ୍ସ କ୍ରିକେଟ ବୋର୍ଡର ମୁଖ୍ୟ ପରିଚାଳନା ଅଧିକାରୀସୁଭାନ ଅହମଦ କହିଛନ୍ତି, 'ଯେତେବେଳେ ଏସିଆ କପ୍ ଭଳି ଟୁର୍ଣ୍ଣାମେଣ୍ଟରେ ଖେଳିବା ପାଇଁ ନିଷ୍ପତ୍ତି ନିଆଯାଏ, ସେତେବେଳେ ସମ୍ପୃକ୍ତ ସରକାରଙ୍କଠାରୁ ପୂର୍ବରୁ ଅନୁମତି ନିଆଯାଏ। ଏଥର ମଧ୍ୟ ଏହା ହୋଇଛି ଏବଂ ଏହା ପରେ ସୂଚୀ ପ୍ରକାଶ ପାଇଛି। ଆମେ ଆଶା କରୁଛୁ ଯେ ଏଠାରେ ଡବ୍ଲୁସିଏଲ ଭଳି ପରିସ୍ଥିତି ସୃଷ୍ଟି ହେବ ନାହିଁ।'

ଭାରତ ଏବଂ ପାକିସ୍ତାନ ମଧ୍ୟରେ ରାଜନୈତିକ ଉତ୍ତେଜନା ଯୋଗୁ, କିଛି ଭାରତୀୟ ପ୍ରଶଂସକ ବିଶ୍ୱାସ କରନ୍ତି ଯେ 'ମେନ ଇନ ବ୍ଲୁ' ପାକିସ୍ତାନ ବିପକ୍ଷ ମ୍ୟାଚ ବର୍ଜନ କରିବା ଉଚିତ। ସମ୍ପ୍ରତି ବିଶ୍ୱ ଚାମ୍ପିଅନସିପ ଅଫ ଲିଜେଣ୍ଡସ (ଡବ୍ଲୁସିଏଲ)ରେ ପୂର୍ବତନ ଭାରତୀୟ କ୍ରିକେଟରମାନେ ମଧ୍ୟ ସମାନ କିଛି କରିଥିଲେ, ଯେଉଁଠାରେ ସେମାନେ ପାକିସ୍ତାନ ବିପକ୍ଷରେ ଖେଳିବାକୁ ମନା କରିଥିଲେ।

ଏ ସମ୍ପର୍କରେ ଏମିରେଟ୍ସ କ୍ରିକେଟ ବୋର୍ଡର ମୁଖ୍ୟ ପରିଚାଳନା ଅଧିକାରୀ ସୁଭାନ ଅହମଦ କହିଛନ୍ତି, 'ଆମେ କୌଣସି ଗ୍ୟାରେଣ୍ଟି ଦେଇ ପାରିବୁ ନାହିଁ, କିନ୍ତୁ ଏସିଆ କପ୍ ଭଳି ଟୁର୍ଣ୍ଣାମେଣ୍ଟକୁ ଏକ ଘରୋଇ ଇଭେଣ୍ଟ ସହିତ ତୁଳନା କରିବା ଠିକ୍ ନୁହେଁ।'

ଭାରତ ସେପ୍ଟେମ୍ବର ୮ରୁ ଆରମ୍ଭ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ କରୁଛି, କିନ୍ତୁ ସମସ୍ତ ମ୍ୟାଚ୍ ୟୁଏଇରେ ଖେଳାଯିବ। ଭାରତର ପ୍ରଥମ ମ୍ୟାଚ୍ ସେପ୍ଟେମ୍ବର ୧୦ରେ ଦୁବାଇରେ ଆୟୋଜକ ୟୁଏଇ ବିପକ୍ଷରେ ହେବ। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଶେଷ ମୁକାବିଲା ୯ ଜୁନ ୨୦୨୪ରେ ନ୍ୟୁୟର୍କରେ ଟି-୨୦ ବିଶ୍ୱକପ ସମୟରେ ହୋଇଥିଲା, ଯାହା ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ସୃଷ୍ଟି କରିଥିଲା। ଏବେ ପୁଣି ଥରେ ଦୁବାଇରେ ସମାନ ଉତ୍ସାହ ଦେଖିବାକୁ ମିଳିବ।

ଏହି ବର୍ଷର ଏସିଆ କପ୍ ଆହୁରି ଆକର୍ଷଣୀୟ ହେବାକୁ ଯାଉଛି କାରଣ ଯଦି ଭାରତ ଏବଂ ପାକିସ୍ତାନ ଉଭୟ ଫାଇନାଲରେ ପହଞ୍ଚିଥାନ୍ତି, ତେବେ ପ୍ରଶଂସକମାନେ ଏହି ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ମଧ୍ୟରେ ତିନୋଟି ମ୍ୟାଚ୍ ଦେଖିବାକୁ ପାଇବେ। ଗ୍ରୁପ ପର୍ଯ୍ୟାୟରେ ଗୋଟିଏ, ସୁପର-୪ରେ ଦ୍ୱିତୀୟ ଏବଂ ଫାଇନାଲରେ ତୃତୀୟ।

# ପୁରସ୍କାର ଗ୍ରହଣ କରିବାକୁ ମନା କଲେ ମହମ୍ମଦ ସିରାଜ

**ଓଭାଲ**

ଓଭାଲ ଟେଷ୍ଟରେ ଇଂଲଣ୍ଡ ବିପକ୍ଷରେ ଭାରତର ରୋମାଞ୍ଚକର ୬ ରନ ବିଜୟକୁ ସବୁଦିନ ପାଇଁ ଟେଷ୍ଟ କ୍ରିକେଟର ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ ମଧ୍ୟରେ ଗଣନା କରାଯିବ। ପଞ୍ଚମ ଦିନରେ, ମହମ୍ମଦ ସିରାଜଙ୍କ ଘାତକ ସ୍ପେଲ ପାଇଁ ଭାରତ ଇଂଲଣ୍ଡକୁ ୩୬୭ ରନରେ ଅଲଆଉଟ କରିଦେଇଥିଲା। ସିରାଜ ସେହି ମ୍ୟାଚ୍‌ରେ ମୋଟ ୯ ଉଇକେଟ ନେଇଥିଲେ, ଯାହା ପାଇଁ ତାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ପୁରସ୍କାର ଦିଆଯାଇଥିଲା। ମ୍ୟାଚ୍ ପରେ, ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପୁରସ୍କାର ବିଜେତାମାନଙ୍କୁ ପୁରସ୍କାର ଦେଇଥିଲା, କିନ୍ତୁ ସିରାଜ ସେହି ଉପହାର ଗ୍ରହଣ କରିବାକୁ ମନା କରିଦେଇଥିଲେ। ଓଭାଲ ଟେଷ୍ଟ ପରେ ମହମ୍ମଦ ସିରାଜଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବରେ ମନୋନୀତ କରାଯାଇଥିଲା। ଗୌତମ ଗମ୍ଭୀର ଏବଂ ବ୍ରେଣ୍ଡନ ମ୍ୟାକ୍‌କୁଲମ ଯଥାକ୍ରମେ ହ୍ୟାରି ବ୍ରୁକ୍ ଏବଂ ଶୁବମାନ ଗିଲଙ୍କୁ ସିରିଜର ଶ୍ରେଷ୍ଠ ଖେଳାଳି ଭାବରେ ବାଛିଥିଲେ। ମ୍ୟାଚ୍ ପରେ ଇସିବି ଏହି ପୁରସ୍କାର ବିଜେତାମାନଙ୍କୁ ଉପହାର ସ୍ୱରୂପ ସାମ୍ପେନର ଏକ ବୋତଲ ଦେଇଥିଲା, କିନ୍ତୁ ମହମ୍ମଦ ସିରାଜ ଏହାକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ। ଅନ୍ୟପକ୍ଷରେ ଶୁବମାନ ଗିଲ ସାମ୍ପେନର ବୋତଲ ଗ୍ରହଣ କରିଥିଲେ, କିନ୍ତୁ ସେ ସିରାଜଙ୍କ ପ୍ରତି ସମ୍ମାନ ଜଣାଇ ବୋତଲ ଖୋଲି ନ ଥିଲେ। ମହମ୍ମଦ ସିରାଜ ସାମ୍ପେନର ବୋତଲ ଗ୍ରହଣ କରି ନ ଥିଲେ କାରଣ ଇସଲାମରେ ମଦ୍ୟପାନକୁ ହରାମ ବୋଲି ବିବେଚନା କରାଯାଏ। ସିରାଜ ଏହି ବର୍ଷ ଆଇପିଏଲ ୨୦୨୫ ଆରମ୍ଭ ହେବା ପୂର୍ବରୁ ହଜ ତୀର୍ଥଯାତ୍ରାରେ ମଧ୍ୟ ଯାଇଥିଲେ।




# ସିଏସ୍‌କେ ସହ ନିଜର ଭବିଷ୍ୟତକୁ ନେଇ ବଡ଼ ସୂଚନା ଦେଲେ ମହେନ୍ଦ୍ର ସିଂହ ଧୋନି

**ନୂଆଦିଲ୍ଲୀ**

ଆଇପିଏଲରେ ମହେନ୍ଦ୍ର ସିଂହ ଧୋନିଙ୍କ ଭବିଷ୍ୟତକୁ ନେଇ ଅନେକ ଆଲୋଚନା ଓ ଚର୍ଚ୍ଚା ଚାଲିଛି। ଆଗାମୀ ଆଇପିଏଲରେ ଧୋନି ଚେନ୍ନାଇ ସୁପର କିଙ୍ଗସ ପାଇଁ ଖେଳିବେ କି ନାହିଁ, ତା'କୁ ନେଇ ସସ୍‌ପେନ୍ସ ଲାଗି ରହିଛି। ୨୦୨୫ ଆଇପିଏଲରେ ସିଏସକେର ଅଧିନାୟକ ଋତୁରାଜ ଗାଏକ୍ୱାଡ୍ ଆହତ ହେବାରୁ ଧୋନି ପୁଣି ଦଳର କମାଣ ସମ୍ଭାଳିଥିଲେ। କିନ୍ତୁ ପୂରା ସଂସ୍କରଣରେ ଧୋନିଙ୍କ ଆଇପିଏଲ ଅବସରକୁ ନେଇ ବେଶ ବିତର୍କ ହୋଇଥିଲା।

ଅବସର ଚର୍ଚ୍ଚା ଜୋର ଧରିଥିବା ବେଳେ ଧୋନି କିମ୍ବା ସିଏସ୍‌କେ ପକ୍ଷରୁ ଏନେଇ ଏଯାଏ କୌଣସି ଘୋଷଣା କରାଯାଇ ନାହିଁ। ଧୋନି ନିଜର ଭବିଷ୍ୟତ ଯୋଜନାକୁ ଅତ୍ୟନ୍ତ ଗୋପନ ରଖିଛନ୍ତି। ନିକଟରେ ଭେଟରାନ କ୍ରିକେଟର ଧୋନିଙ୍କୁ ସିଏସ୍‌କେରେ ତାଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନ କରାଯାଇଥିଲା। ପ୍ରଶ୍ନ ଶୁଣିବା ପରେ ଧୋନି ବଡ଼ ସୂଚନା ଦେଇଛନ୍ତି। ହେଲେ ନିଜର ଭବିଷ୍ୟତ ଯୋଜନା ଉପରୁ ପରଦା ହଟାଇ ନାହାନ୍ତି।

ସେ କହିଛନ୍ତି, "ମୁଁ ସବୁବେଳେ କହି ଆସିଛି ଯେ ଭବିଷ୍ୟତର ନିଷ୍ପତ୍ତି ନେବା ପାଇଁ ମୋ ପାଖରେ ବହୁତ ସମୟ ରହିଛି। କିନ୍ତୁ ଆପଣ ଯଦି ହଳଦିଆ ଜର୍ସିରେ ଆସିବା କଥା ପଚାରିବେ, ତା'ହେଲେ ମୁଁ ସବୁବେଳେ ହଳଦିଆ ଜର୍ସିରେ




ରହିବି। ଖେଳେ କି ନ ଖେଳେ, ସେଇଟା ଭିନ୍ନ କଥା। ମୁଁ ଓ ସିଏସ୍‌କେ ସବୁବେଳେ ଏକାଠି। ଏପରିକି ଆଗାମୀ ୧୫ରୁ ୨୦ ବର୍ଷ ଆମେ ଏକାଠି ରହିବୁ। ମୋର ଆଶା ଆଗାମୀ ୧୫ରୁ ୨୦ ବର୍ଷ ମୁଁ ଖେଳିବି ବୋଲି ସେମାନେ ଭାବିବେ ନାହିଁ।" ଏହାଶୁଣି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଲୋକମାନେ ବିଶେଷ କରି ସିଏସକେ ଫ୍ୟାନ୍ସ ବେଶ୍ ଉତ୍ସାହିତ ହୋଇ ପଡ଼ିଥିଲେ।

ଆଇପିଏଲର ପ୍ରଥମ ସଂସ୍କରଣ ଅର୍ଥାତ ୨୦୦୮ରୁ ଧୋନି ସିଏସକେ ସହ ରହିଛନ୍ତି। ତାଙ୍କ କ୍ୟାପ୍ଟେନ୍ସିରେ ଚେନ୍ନାଇ ୫ ଥର ଆଇପିଏଲ ଟ୍ରଫି ଜିତିଛି। ଧୋନି ଚେନ୍ନାଇ ସହ ସୃଷ୍ଟି ହୋଇଥିବା ନିବିଡ଼ତା ସମ୍ପର୍କଆ ମଧ୍ୟ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, "ମୁଁ ଭାବୁଛି ବର୍ଷ ବିତିବା ସହ ସମ୍ପର୍କ ଆହୁରି ନିବିଡ଼ ହୋଇଛି। ଏହା ମୋତେ ଜଣେ ବ୍ୟକ୍ତି ହେବାରେ ଗଢ଼ି ତୋଳିବାରେ ସହାୟତା କରିଛି। ଏହା ମୋତେ ଜଣେ କ୍ରିକେଟର ହିସାବରେ ଆଗକୁ ଯିବା ପାଇଁ ପ୍ରେରଣା ଦେଇଛି। ମୁଁ ଭାବୁଛି ଏହା ଚେନ୍ନାଇ ପାଇଁ ଭଲ। ଏହା ଆଜି ମୋ ପାଇଁ ମଧ୍ୟ ଭଲ।"

୨୦୨୫ ଆଇପିଏଲରେ ଚେନ୍ନାଇ ପିଏଣ୍ଟ ଟେବୁଲର ସବୁଠାରୁ ତଳେ ରହି ନିଜର ଅଭିଯାନ ଶେଷ କରିଥିଲା। ଏ ସମ୍ପର୍କରେ ଧୋନି କହିଛନ୍ତି, "ହଁ, ବିଗତ କିଛି ବର୍ଷ ଆମ ପାଇଁ ଭଲ ଯାଇ ନାହିଁ। ଆମେ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରି ନାହୁଁ। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆମେ ଶିଖିବାକୁ ଚେଷ୍ଟା କରିଛୁ। ହଁ, ଆମ ପାଇଁ ଗୋଟିଏ ଖରାପ ସଂସ୍କରଣ ଥିଲା। କିନ୍ତୁ କ'ଣ ଭୁଲ ହେଲା ? ଏହି ପ୍ରଶ୍ନ ଆମ ପାଇଁ ଗତବର୍ଷ ଥିଲା ?"



୧୦ରୁ ଆରମ୍ଭ ହେବାକୁ ଥିବା ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜରେ ଭାଗ ନେଇଥିବା ଦଳର ନେପାଳ ପ୍ରତିଯୋଗୀଙ୍କୁ ଭୁବନେଶ୍ୱର ବିମାନ ବନ୍ଦରରେ ଭବ୍ୟ ସ୍ୱାଗତ ପ୍ରଦର୍ଶନ। (ଫଟୋ : ସମ୍ବାଦ କଳିକା)

# ଓ.ପି ଜିନ୍ଦଲ ଫୁଟବଲ କପ୍ ଉଦ୍‌ଘାଟିତ : ଆଠମଲ୍ଲିକକୁ ହରାଇ ଝାରସୁଗୁଡ଼ା ବିଜୟୀ

**ଅନୁଗୁଳ, ନ୍ୟୁଜ୍‌ବ୍ୟୁରୋ**

ଉଦ୍‌ଘାଟନୀ ମୁକାବିଲାରେ ରୋମାଞ୍ଚକର ଲଢ଼େଇ। ଓ.ପି ଜିନ୍ଦଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଆଠମଲ୍ଲିକ ଦଳକୁ ପରାସ୍ତ କରି ଝାରସୁଗୁଡ଼ା ଦଳ ବିଜୟୀ ହୋଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଫଳରେ ମ୍ୟାଚର ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲଟି ସୁଟ୍-ଆଉଟର ସହାୟତା ନିଆଯାଇଥିଲା। ଆଉ




ପେନାଲ୍‌ଟି ସୁଟ୍‌ରେ ଝାରସୁଗୁଡ଼ା ଦଳ ୪ଟି ଗୋଲ କରିବାରେ ସକ୍ଷମ ହୋଇଥିବା ବେଳେ ଆଠମଲ୍ଲିକ ଦଳ ମାତ୍ର ୨ଟି ଗୋଲ ଦେଇପାରିଥିଲା। ଫଳରେ ଉଦ୍‌ଘାଟନୀ ମ୍ୟାଚ୍‌ରେ ବାଜି ମାରିନେଇଛି ଝାରସୁଗୁଡ଼ା ଦଳ। ଝାରସୁଗୁଡ଼ା ଦଳର ରାମ ହାଁସଦା ସର୍ବଶ୍ରେଷ୍ଠ ପ୍ରଦର୍ଶନକରି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁଗୁଳ ପୌରପାଳିକାର ଅଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅନୁଗୁଳର ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିନ୍ଦଲ ଷ୍ଟିଲର ସଭାପତି ଅତୁଲ ଦୁବେ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ସିଠ, ଅନୁଗୁଳ କ୍ରିକେଟ ଆସୋସିଏସନର ସଂପାଦକ ସାଗର ନାଥ ମିଶ୍ର, ଜିଲ୍ଲା କ୍ରୀଡ଼ା ସାଂସଦ ସଦସ୍ୟ ଅଧିବକ୍ତା ପ୍ରଦୀପ ଦେବତା ଓ ରୁଚିର କୁମାର ଦାସ, ଜିନ୍ଦଲ ଫାଉଣ୍ଡେସନର ସହକାରୀ ମହାସଚିବ ସୁଶ୍ରୀ ମୈତ୍ରେୟୀ ମିଶ୍ର ଏବଂ ଜିନ୍ଦଲ ଷ୍ଟିଲର ସିଏସଆର ଜିଏମ୍ ଜୟନ୍ତ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଗୁଳ ସହରର କଦମ ପଡ଼ିଆରେ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବଛା ବଛା ୧୨ଟି ଦଳ ଭାଗ ନେଇଛନ୍ତି। ଆସନ୍ତା ୧୮ ତାରିଖରେ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ।

# ନୀଳଗିରିରୁ ୧୪ ଲକ୍ଷ ଟଙ୍କାର ଧଳା ଜହର ଜବତ



**ନୀଳଗିରି, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଅଧୀନ ନୀଳଗିରି ଅବକାରୀ ବିଭାଗ ଜଣେ ବ୍ରାଉନସୁଗର ବା ଧଳା ଜହର ବେପାରୀକୁ ଗିରଫ କରିଥିବା ବେଳେ ତା'ଠାରୁ ୧୪ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ କରିଛି। ନୀଳଗିରି ଅବକାରୀ ଥାନା ଇନ୍‌ସପେକ୍ଟର କେଶବ ଚନ୍ଦ୍ର ଦାସ ଏବଂ ଓଆଇସି ଜଗନ୍ନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ ନୀଳଗିରି ଥାନା ଅଧୀନ ସନ୍ତରାଗଡ଼ିଆ ପହଞ୍ଚିଥିଲା। ଅବକାରୀ କର୍ମଚାରୀମାନେ ସାଧା ପୋଷାକରେ ଗରାଖ ସାଜି ଉକ୍ତ ଅଞ୍ଚଳର ଏକ ହୋଟେଲ ପାଖରେ ବସିଥିବା ବେପାରୀ ଲୁଲୁ ଓରଫ ଜଗଦୀଶ ପାଣିଗ୍ରାହୀଙ୍କୁ ବ୍ରାଉନ ସୁଗର ମାଗିଥିଲେ। ବେପାରୀ ଜଣକ ଏହି ବ୍ରାଉନସୁଗର ଆଣିବାକୁ ଯାଇଥିବା ଦେଖି ତାକୁ ମାଡ଼ି ବସିଥିଲେ। ଏହି ବେପାରୀଙ୍କ ଠାରୁ ୧୪୦ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଥିବା ବେଳେ ଏହାର ମୂଲ୍ୟ ୧୪ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଉଛି। ଗିରଫ କରାଯିବା ପରେ ତାକୁ ରାତିରେ ବାଲେଶ୍ୱର କୋର୍ଟକୁ ଚାଲାଣ କରାଯାଇଛି। ଚଢ଼ଉରେ କନଷ୍ଟେବଲ ସନ୍ତୋଷ ବେହେରା, ତପନ ମଲ୍ଲିକ, ନହନ ମୁର୍ମୁ ପ୍ରମୁଖ ସାମିଲ ଥିଲେ।

# ନିର୍ମଳା କନ୍‌ଭେଣ୍ଟ ସ୍କୁଲରେ ଖୋଖୋ ପ୍ରତିଯୋଗିତାରେ ୩ ସ୍ୱର୍ଣ୍ଣ ଜିତିଲେ ବାଳକ ବର୍ଗ



**କେନ୍ଦୁଝର, ନ୍ୟୁଜ୍**

ଅନ୍ତଃଇଂରାଜୀ ମାଧ୍ୟମିକ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ କେନ୍ଦୁଝର ନିର୍ମଳା କନଭେଣ୍ଟ ସ୍କୁଲକୁ ବାଳକ ବର୍ଗର ୧୪ ବର୍ଷରୁ କମ୍, ୧୭ ବର୍ଷରୁ କମ ଓ ୧୯ ବର୍ଷରୁ କମ୍ ଖୋଖୋ ପ୍ରତିଯୋଗିତାରେ ତିନିଟି ସ୍ୱର୍ଣ୍ଣପଦକ ଲାଭ ହୋଇଛି। ଏହି ଖୋଖୋ ପ୍ରତିଯୋଗିତାରେ ଭାଗ ନେଇଥିବା କ୍ରୀଡ଼ାବିତ୍‌ମାନେ ସ୍ୱର୍ଣ୍ଣ ଜିତିବା ପରେ ଖୁବ୍ ଉତ୍ସାହିତ ଥିବା ବେଳେ ସେମାନଙ୍କ କୋଚ୍ ଛବିଲାଲ ମହାକୁଡ଼ଙ୍କୁ ଏହି ସ୍ୱର୍ଣ୍ଣପଦକ ପାଇଁ ଶ୍ରେୟ ପ୍ରଦାନ କରିଛନ୍ତି। ଖୋଖୋ ପ୍ରତିଯୋଗିତାରେ ବିଜୟ ଲାଭ କରିବା ପରେ ବିଦ୍ୟାଳୟର ପ୍ରିନ୍ସିପାଲ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କ୍ରୀଡ଼ାବିତ୍‌ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଗକୁ ସେମାନେ ପରବର୍ତ୍ତୀ ଅନ୍ତରାଜ୍ୟ କ୍ରୀଡ଼ା ପାଇଁ ପ୍ରସ୍ତୁତ ହେଉଥିବା କହିଛନ୍ତି।

# ପାଣି ନେବା ପରେ ଗଡ଼ଗଡ଼ିଆ ଘାଟରେ ଗଦା ହୋଇଛି କୁଢ଼ କୁଢ଼ ଅଳିଆ ଆବର୍ଜନା, ପଲିଥିନ : ମହାନଦୀରେ ପ୍ରଦୂଷଣ ବୃଦ୍ଧି

**କଟକ, ନ୍ୟୁଜ୍‌ବ୍ୟୁରୋ**

ରବିବାର କାଉଡିଆମାନେ ବିଭିନ୍ନ ଶୈବପୀଠକୁ ଜଳ ନେଇଯିବା ପରେ ସୋମବାର ଅପରାହ୍ନରେ କଟକର ଗଡଗଡିଆ ଘାଟ ତଥା ମହାନଦୀ ତୁଠରେ କୁଢ଼ କୁଢ଼ ଅଳିଆ, ଆବର୍ଜନା ଓ ପଲିଥିନ ପଡ଼ି ରହିଥିବା ଦେଖାଯାଇଛି। ଏହି ପରିସ୍ଥିତି ମହାନଦୀରେ ପ୍ରଦୂଷଣ ବୃଦ୍ଧି କରିଛି, ଯାହା ସ୍ଥାନୀୟ ବାସିନ୍ଦା ଓ ପରିବେଶବିତଙ୍କ ଚିନ୍ତା ବଢ଼ାଇଛି।

ପ୍ରତିବର୍ଷ ଶ୍ରାବଣ ମାସରେ କାଉଡିଆମାନେ ମହାନଦୀରୁ ଜଳ ନେଇ ଶିବମନ୍ଦିରଗୁଡ଼ିକରେ ପୂଜା କରିବା ପରେ ଘାଟରେ ପଲିଥିନ, ପୂଜା ସାମଗ୍ରୀ ଓ ଅନ୍ୟାନ୍ୟ ଆବର୍ଜନା ଛାଡ଼ି ଚାଲିଯାଉଛନ୍ତି। ଏହା ନଦୀର ଜଳକୁ



ଦୂଷିତ କରୁଥିବା ବେଳେ ଜଳଚର ପ୍ରାଣୀଙ୍କ ଜୀବନ ପାଇଁ ମଧ୍ୟ ବିପଦ ସୃଷ୍ଟି କରୁଛି। ସ୍ଥାନୀୟ ସୂତ୍ର ଅନୁସାରେ, ଗଡଗଡିଆ ଘାଟରେ ପରିଚ୍ଛନ୍ନନ ବ୍ୟବସ୍ଥାର ଅଭାବ ଏହି ସମସ୍ୟାକୁ ଆହୁରି ବୃଦ୍ଧି କରୁଛି।

ପରିବେଶ ସଂରକ୍ଷଣ ଗୋଷ୍ଠୀ ଗୁଡ଼ିକ ମଧ୍ୟ ଜନସାଧାରଣଙ୍କୁ ପଲିଥିନ ବ୍ୟବହାର ହ୍ରାସ କରିବା ଓ ନଦୀକୁ ସ୍ୱଚ୍ଛ ରଖିବା ପାଇଁ ସଚେତନତା ବୃଦ୍ଧି କରିବାକୁ ପରାମର୍ଶ ଦେଇଛନ୍ତି। ସରକାର ଓ ସ୍ଥାନୀୟ ପ୍ରଶାସନ ଏହି ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଜୋରଦାର ଦାବି ଉଠିଛି।

# ଛାତ୍ରୀ ଓ ମହିଳା ସୁରକ୍ଷା ଦାବି କଲା ବିଜୁ ଯୁବ ଛାତ୍ର ଜନତା ଦଳ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଗାଁରୁ ସହର ବେଳାଭୂମିରୁ କ୍ୟାମ୍ପସ ସବୁଠି ଛାତ୍ରୀ ମହିଳା ଅସୁରକ୍ଷିତ। ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି । କଲେଜ କ୍ୟାମ୍ପସ୍‌ରେ ଛାତ୍ରୀ ଆଜି ଅସୁରକ୍ଷିତ ମହିଳା ଘରୁ ଗୋଡ଼ କାଢ଼ିବାକୁ ଡରୁଛନ୍ତି। ସୌମ୍ୟାଶ୍ରୀ, ବଳଙ୍ଗା। ପୀଡ଼ିତା ଠାରୁ ଆରମ୍ଭ କରି ପ୍ରତ୍ୟେକ ଦିନ ଘଟୁଥିବା ନାରୀ ନିର୍ଯ୍ୟାତନା ଘଟଣାର ନିଷ୍ପକ୍ଷ ଓ ତ୍ୱରିତ ତଦନ୍ତ କରିବା, ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ, ଦୋଷୀମାନଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ, ଶିକ୍ଷା ସ୍ଥଳଗୁଡ଼ିକରେ ଛାତ୍ରୀମାନଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିବାକୁ ଦୃଢ଼ ପଦକ୍ଷେପ ନେବା, କ୍ରିୟାଶୀଳ ଓ ପ୍ରଭାବଶାଳୀ ମେକାନିଜମ୍ ଗଠନ କରିବା ପାଇଁ ଦାବି କରି ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ରାଜ୍ୟବ୍ୟାପୀ ଯୁବ ଛାତ୍ର ପ୍ରତିବାଦ ଡାକରା



ପରିପ୍ରେକ୍ଷୀରେରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ନେତୃତ୍ୱରେ ବିଜୁ ଛାତ୍ର ଜନତା ଦଳର ଖୋର୍ଦ୍ଧା ଜିଲ୍ଲା ସଭାପତି ସ୍ୱାଧୀନ ପଣ୍ଡା, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଅମିୟ କୁମାର ମହାନ୍ତି, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ସତ୍ୟପ୍ରକାଶ ସାହୁ, ବିରଞ୍ଚି ଜେନାଙ୍କ ସଂଯୋଜନାରେ ଖୋର୍ଦ୍ଧା ଯୁବ ଛାତ୍ର ଜନତା ଦଳ ପକ୍ଷରୁ ପ୍ରାଣନାଥ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀମାନେ ଏକାଠି ହୋଇ ଏକ ଶାନ୍ତିପୂର୍ଣ୍ଣ ବାଇକ୍ ଶୋଭାଯାତ୍ରାରେ ସରକାରଙ୍କ ବିରୋଧରେ ନାରାବାଜି କରି ସହର ପରିକ୍ରମା କରି ଏକ ସ୍ମାରକପତ୍ର ପୋଲିସ ମହା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ଆସି ଅତିରିକ୍ତ ପୋଲିସ ଅଧିକ୍ଷକଙ୍କୁ ପ୍ରଦାନ କରିବା ସହ ଦାବିଗୁଡ଼ିକୁ ଗମ୍ଭୀରତାର ସହ ବିଚାର କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ନାରୀ ସୁରକ୍ଷା ଓ ଶାସନ ଉପରେ ସାମୁଦାୟିକ ବିଶ୍ୱାସ ପୁନଃ ସ୍ଥାପନ କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

# ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବାମପନ୍ଥୀଙ୍କ ବିକ୍ଷୋଭ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ବଢ଼ି ଚାଲିଥିବା ନାରୀ ନିର୍ଯ୍ୟାତନା, ବଳଙ୍ଗା ପୀଡିତାଙ୍କ ପରିବାରକୁ ଏକ କୋଟି କ୍ଷତିପୂରଣ, ପୋଲିସ ତଦନ୍ତ ସନ୍ଦେହଜନକ ଥିବାରୁ ନ୍ୟାୟିକ ତଦନ୍ତ, ଉପ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ସିପିଆଇ ଓ ସିପିଏମ ପକ୍ଷରୁ ଅଗଷ୍ଟ ସାତ ତାରିଖରେ ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇ ଥିଲା। ସିପିଆଇର ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ବ୍ରଜବନ୍ଧୁ ପ୍ରଧାନ, ପ୍ରଦୀପ୍ତ କୁମାର ମହାନ୍ତି, ହରିହର ସେନାପତି, ଡାକ୍ତର ପ୍ରଫୁଲ ମହାପାତ୍ର, ଗୋପାଳ ପ୍ରଧାନ, ସିପିଏମ ର ଜିଲ୍ଲାସମ୍ପାଦକ ଜଗନ୍ନାଥ ଦେଓ, ସୁରେନ୍ଦ୍ର ଜେନା, ଶରତ ରାୟଗୁରୁ, ଶ୍ରୀକାନ୍ତ ପରିଜା, ବନବାସୀ ମହାପାତ୍ର ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

# ସର୍ବନିମ୍ନ ମୌଳିକ ଅଧିକାରରୁ ବଞ୍ଚିତ ୱାର୍ଡ଼ ନଂ ୧୦ କୁଳପଡ଼ାବାସୀ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସରକାର ଆଦିବାସୀ ଜନଜାତି ଶ୍ରେଣୀ ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, ପାନୀୟ ଜଳ ଯୋଗାଣ, ଖାଦ୍ୟ ପୋଷାକ ସବୁ ମାଗଣାରେ ଯୋଗାଇ ଦେବାକୁ ଅନେକ ଯୋଜନା କରି କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ସୋନପୁର ସହରର ଅଞ୍ଚଳ ୧୦ ନମ୍ବର ୱାର୍ଡରେ ବସବାସ କରୁଥିବା ଆଦିବାସୀ ଜନଜାତି ଶ୍ରେଣୀର ଲୋକଙ୍କ ପାଇଁ ନା ପାଣି ନା ରାସ୍ତା ସୁବିଧା ନା ବିଜୁଳିର ସୁବିଧା ଯୋଗାଇଛି। ମୌଳିକ ସୁବିଧାରୁ ବଞ୍ଚିତ ଏ ତଳ ଓ ଉପର କୁଳପଡ଼ା ବାସୀ। ସୋନପୁର ପଟାଭାଡ଼ି ସ୍ଥିତ ତଳ କୁଳପଡ଼ାରୁ ଉପର କୁଳପଡ଼ା



ରାସ୍ତା ଦୀର୍ଘ ଦିନରୁ ଅତି ଶୋଚନୀୟ ହୋଇପଡ଼ିଛି। ସହରର ଏ ତଳି ଅଞ୍ଚଳ ଲୋକଙ୍କ ପାଇଁ ପୌର ପରିଷଦ ସୋନପୁର ପକ୍ଷରୁ ବହୁ ବର୍ଷ ପୁର୍ବରୁ ରାସ୍ତାଟିଏ ନିର୍ମାଣ କରାଯାଇଥିଲା। କିନ୍ତୁ ଏ ଅଞ୍ଚଳର ରାସ୍ତା ପୁଣି ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବା ସତ୍ତ୍ୱେ ଓ ପୌର ପରିଷଦକୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ପୌର ପରିଷଦ ଅଧିକାରୀ ଓ ସ୍ଥାନୀୟ ଲୋକ ପ୍ରତିନିଧି ନ ଶୁଣିବାରୁ ଲୋକେ ବହୁତ ଅସୁବିଧା ଭୋଗୁଛନ୍ତି। ଏ ରାସ୍ତା ପୁଣି ଜିଲ୍ଲା ପ୍ରଶାସନର ୱେଷ୍ଟ ମ୍ୟାନେଜମେଣ୍ଟ ପ୍ରକଳ୍ପ ଓ ଗୋଶାଳା ପ୍ରକଳ୍ପ ଆଦି ଅଞ୍ଚଳକୁ ସଂଯୋଗୀ କରଣ ହୋଇଥିବା ଜଣାଯାଇଛି। ଯାହାକି ସାଧାରଣ ଲୋକ ଙ୍କ ସହ ଗୋଶାଳା ଓ ପୌର ପରିଷଦର ୱେଷ୍ଟ ମ୍ୟାନେଜମେଣ୍ଟ ପ୍ରକଳ୍ପ ପରିଚାଳକଙ୍କୁ ବର୍ଷା ଦିନରେ ଯିବା ଆସିବା ଖୁବ୍ କଷ୍ଟ ହେଉଛି। ଲୋକେ ନାନା ଦୁର୍ଘଟଣାର ଶିକାର ମଧ୍ୟ ହେଉଛନ୍ତି। ଏ ଅଞ୍ଚଳରେ ଠିକ୍ ସମୟରେ ପିଏଚଡି ପାଣି ଯୋଗାଇବାରେ ଓ ଆଲୋକିକରଣରେ ମଧ୍ୟ ଅବହେଳିତ ହେଉଥିବା ଜଣାଯାଇଛି। ହୋଲ୍‌ଡିଂ ଟ୍ୟାକ୍ସ, ଜଳ କର ରେଗୁଲାର ଭାବେ ଦେଉଥିବା ଏ ଅଞ୍ଚଳର ଲୋକଙ୍କ ପାଇଁ କାହିଁକି ରାସ୍ତା ଘାଟ ପାନୀୟ ଜଳ ବିଦ୍ୟୁତ୍ କରଣ ବ୍ୟବସ୍ଥା ଠିକ୍ ସେ ଯୋଗାଇ ଦେଉନି ବୋଲି ଏ ଅଞ୍ଚଳର ଲୋକେ ଅଭିଯୋଗ କରିଛନ୍ତି। ଓ ଜିଲ୍ଲାପାଳ କାର୍ଯ୍ୟଳୟର ଖୁବ୍ ନିକଟରେ ଥିବା ସତ୍ତ୍ୱେ ବି ଏ ଅଞ୍ଚଳ ଅନୁନ୍ନତ ହୋଇ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବା ପ୍ରକାଶ କରିଛନ୍ତି ଏ ଅଧିବାସୀ। ଓ ତୁରନ୍ତ ଏହାର ସମାଧାନ ଦିଗରେ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଭୁବନେଶ୍ୱର
୦୮ ଅଗଷ୍ଟ,
ଶୁକ୍ରବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

### ଆଉ ଉପାସରେ ରହିବେନି ମହାପ୍ରଭୁ ଶ୍ରୀଲିଙ୍ଗରାଜ

# ଅସ୍ଥାୟୀ ଭାବେ ବିବାଦ ବାଦ ଦେଇ ହେବ ନୀତିକାନ୍ତି

**ଭୁବନେଶ୍ୱର,୦୭/୦୮**
**ନ୍ୟୁଜ ବ୍ୟୁରୋ**

'ଆମେ ଠାକୁରଙ୍କ ଦୈନନ୍ଦିନ ନୀତି ବନ୍ଦ ହେବାକୁ ଦେବା ନାହିଁ କି ଉପାସ ରଖିବା ନାହିଁ । ଯଦି ଆବଶ୍ୟକ ପଡୁଛି ତା' ହେଲେ ଏବେକାର ପର୍ବ ପର୍ବାଣୀକୁ ଅସ୍ଥାୟୀ ଭାବେ ବିବାଦ ସମାଧାନ ହେବା ପର୍ଯ୍ୟନ୍ତ ପାଶୋରି ଦେବା । କିନ୍ତୁ ପ୍ରାଥମିକତା ଦେବା ଦିଅଁଙ୍କ ସେବା ପୂଜା'। ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହରେ ଶ୍ରୀଲିଙ୍ଗରାଜଙ୍କ ସେବାୟତ ପ୍ରତିନିଧିଙ୍କୁ ନେଇ ଜିଲ୍ଲାପାଳ ଅମ୍ରୀତ ଋତୁରାଜ ଏକ ଜରୁରୀ ବୈଠକରେ ଏମିତି ମତପ୍ରକାଶ କରିଛନ୍ତି । ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରଙ୍କ ଅଧ୍ୟକ୍ଷତାରେ ଶିବ ପବିତ୍ରାରୋପଣ ନୀତି ବାବଦରେ ମନ୍ଦିର କାର୍ଯ୍ୟାଳୟରେ ଆଲୋଚନା କରାଯାଇଥିଲା । କିନ୍ତୁ ବୈଠକରେ କୌଣସି ନିଷ୍କର୍ଷ ନ ବାହାରିବାରୁ ସନ୍ଧ୍ୟାଧୂପ ପରଠୁ ଦେଢ ଦିନ ମନ୍ଦିରରେ ନୀତି ବନ୍ଦ ହେବାର ଥିଲା । କିନ୍ତୁ ଏହି ଅଚଳ ପରିସ୍ଥିତିକୁ ଏଡାଇବା ଲାଗି ଜିଲ୍ଲାପାଳ ଏକ ଜରୁରୀ ବୈଠକ ଡକାଇ ଥିଲେ। ଏଥିରେ ଦେବୋତ୍ତର କମିଶନର ଲଲାଟେନ୍ଦୁ ଜେନା, ପୂଜାପଣ୍ଡା ନିଯୋଗ ସଭାପତି ପ୍ରସନ୍ନ ପୂଜାପଣ୍ଡା, ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା, ବଡୁ ନିଯୋଗ ସଭାପତି ଅଞ୍ଚଳ ବଡୁ, ସମ୍ପାଦକ କମଳାକାନ୍ତ ବଡୁ, ବ୍ରାହ୍ମଣ ନିଯୋଗ ସଭାପତି ନାରାୟଣ ମହାପାତ୍ର, ଏଡିଏମ ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ର ନାରାୟଣ ମହାନ୍ତି, ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ଭାରୀମଲ ଓ ମନ୍ଦିର କାର୍ଯ୍ୟାଳୟ କର୍ମଚାରୀ ମାନେ ଉପସ୍ଥିତ ରହି ପ୍ରାୟ ୨ ଘଣ୍ଟା ମହାପ୍ରଭୁଙ୍କ ପବିତ୍ରାରୋପଣ ନୀତି ବାବଦରେ ଆଲୋଚନା କରିଥିଲେ । ଶେଷରେ ପୂଜାପଣ୍ଡା ନିଯୋଗ ପ୍ରତିନିଧି ମାନେ କହିଥିଲେ ଯେ, ଆସନ୍ତା ବର୍ଷ ସୁଦ୍ଧା ଏହି ପର୍ବର ବିବାଦ ତୁଟାଇବେ ନଚେତ ଆମେ ନୀତିରେ ସହଯୋଗ କରିବୁ ନାହିଁ । ଏଥିରେ ଜିଲ୍ଲାପାଳ ସହମତି ହୋଇଥିଲେ। ଏହା ବ୍ୟତିତ ସେ କହିଥିଲେ ଯେ, ବର୍ତ୍ତମାନ ଲଗାତାର କିଛି ବୈଠକ କରି ଠାକୁରଙ୍କ ପୂଜା ନୀତିକୁ ନେଇ ଯାହା ବି ବିବାଦ ଅଛି ସମାଧାନ କରିବାକୁ ପ୍ରୟାସ କରାଯିବ। ପ୍ରକାଶ ଥାଉ କି ୨୦୨୦ ମସିହା ଶିବ ପବିତ୍ରାରୋପଣ ତିଥିରେ ଶ୍ରୀଲିଙ୍ଗରାଜଙ୍କ ଠାରେ ବଡୁ ଏବଂ ପୂଜାପଣ୍ଡା ନିଯୋଗ ମଧ୍ୟରେ ସେବା ଅଧିକାର (କେଉଁ ନିଯୋଗ କେତୋଟି ପଇତା ଲାଗି କରିବ) ନେଇ ବିବାଦ ଉପୁଜି ଥିଲା । ବିବାଦ ସେହି ଦିନ ମନ୍ଦିର ପ୍ରଶାସନକୁ ମଧ୍ୟ ସେବାୟତ ମାନେ ଅବଗତ କରାଇଥିଲେ । କିନ୍ତୁ ସମାଧାନ ନ ହୋଇପାରିବା କାରଣରୁ ସେଇ ବର୍ଷ ଠାରୁ ଏହି ନୀତି ବନ୍ଦ ହୋଇଥିଲା। ଏବେ ଉକ୍ତ ବିବାଦ ସହକାରୀ ଦେବୋତ୍ତରଙ୍କ ନିକଟରେ ବିଚାରାଧୀନ ଅଛି। ପ୍ରତି ବର୍ଷ ତ୍ରୟୋଦଶୀ ସନ୍ଧ୍ୟାଧୂପ ବେଳେ କିଛି ନିର୍ଦ୍ଦିଷ୍ଟ ପୂଜା ନୀତି ନ ହୋଇ ପାରିବା କାରଣରୁ ଦେଢ ଦିନ ଠାକୁର ଅପୂଜା ଓ ଉପାସରେ ରହୁଥିଲେ ।



ଭୁବନେଶ୍ୱର : ବିଧାନସଭା ପରିସରରେ ପୂର୍ବତନ ଉପ ବାଚସ୍ପତି ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ ପାର୍ଥିବ ଶରୀରରେ ଶ୍ରଦ୍ଧାଞ୍ଜଳି ଜଣାଇବା ଅବସରରେ ବାଚସ୍ପତି ସୁରମା ପାଢ଼ୀ ଓ ଅନ୍ୟମାନେ। (ଫଟୋ : ସୟାଦ କଳିକା)

# 'ଦ୍ୱି ଓମେନ୍ ୱାଣ୍ଟ କନକ୍ଲେଭ ୨୦୨୫'ରେ ଶୈଫାଳିକା ପଣ୍ଡା ଶକ୍ତି ପୁରସ୍କାର ସହ ସମ୍ମାନିତ

ନୂଆଦିଲ୍ଲୀ, ୭/୮

ଇମ୍ପାର କର୍ପୋରେଟ ସାମାଜିକ କଲ୍ୟାଣ ଶାଖା, ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନର ପ୍ରତିଷ୍ଠାତା ଏବଂ ସିଇଓ ଶ୍ରୀମତୀ ଶୈଫାଳିକା ପଣ୍ଡା ଗୁରୁବାର ନୂଆଦିଲ୍ଲୀର ଦି ଇମ୍ପେରିଆଲ୍‌ରେ ନ୍ୟୁଜ୍ ଏକ୍ସ ଦ୍ୱାରା ଆୟୋଜିତ 'ଦ୍ୱି ଓମେନ୍ ୱାଣ୍ଟ କନକ୍ଲେଭ ୨୦୨୫'ରେ ପ୍ରତିଷ୍ଠିତ ଶକ୍ତି ପୁରସ୍କାର ସହ ସମ୍ମାନିତ ହୋଇଛନ୍ତି ।

ଏହା ବ୍ୟତୀତ, ଆଜିର ବିଶ୍ୱରେ ଆତ୍ମବିଶ୍ୱାସୀ ଝିଅମାନଙ୍କୁ ବୃଦ୍ଧି କରିବା ଉପରେ ଧ୍ୟାନ କେନ୍ଦ୍ରିତ ଏକ ପ୍ୟାନେଲରେ ଶ୍ରୀମତୀ ପଣ୍ଡା ଆଲୋକପାତ କରିଥିଲେ ଯେ ଝିଅମାନଙ୍କ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବା ପରିବର୍ତ୍ତନର ନେତୃତ୍ୱ ନେଉଥିବା ଆତ୍ମବିଶ୍ୱାସୀ ମହିଳାମାନଙ୍କୁ ଗଢ଼ି ତୋଳିବାରେ ବହୁତ ସାହାଯ୍ୟ କରେ ।

ଏହି ବର୍ଷର 'ଦ୍ୱି ଓମେନ୍ ୱାଣ୍ଟ କନକ୍ଲେଭ ଆଣ୍ଡ୍ ଶକ୍ତି ଆୱାର୍ଡ଼ ୨୦୨୫' ସଂସ୍କରଣରେ ଡକ୍ଟର ଶଶି ଥରୁର ଏବଂ କେନ୍ଦ୍ର ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍‌ଙ୍କ ମୁଖ୍ୟ ଭାଷଣ ଅନ୍ତର୍ଭୁକ୍ତ ହୋଇଥିଲା ଏବଂ ନେତୃତ୍ୱ ଗଣମାଧ୍ୟମରେ ପ୍ରତିନିଧିତ୍ୱ ସୁରକ୍ଷା, ନ୍ୟାୟ, ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଭାରତୀୟ ମହିଳାଙ୍କ ଦୈନନ୍ଦିନ ବାସ୍ତବତା ଭଳି ବିଷୟବସ୍ତୁ ଉପରେ ଚିନ୍ତାପ୍ରବଣ ପ୍ୟାନେଲ ଆଲୋଚନା ଅନ୍ତର୍ଭୁକ୍ତ ହୋଇଥିଲା। ଏକତା କପୁର, ଦିୟା ମିର୍ଜା, ସବାନା ଆଜମୀ, ନିମ୍ରତ୍ କୌର୍ ଏବଂ ଡିଜାଇଜରନର ରିତୁ ବେରୀଙ୍କ ପରି ସାଂସ୍କୃତିକ ବ୍ୟକ୍ତିତ୍ୱ ସେମାନଙ୍କ ଯାତ୍ରାର ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ, ଯେତେବେଳେ ପ୍ରିୟଙ୍କା ଚତୁର୍ବେଦୀ, ହର ସିମ୍ରତ କୌର ବାଦଲ ଏବଂ ଲେଫ୍ଟନାଣ୍ଟ ଜେନେରାଲ ସାଧନା ସକ୍‌ସେନା ନାୟାର (ଅବସରପ୍ରାପ୍ତ) ପରି ରାଜନୈତିକ ସ୍ୱର ପ୍ରଶାସନ ଏବଂ ସାର୍ବଜନୀନ ସେବାର ଦୃଷ୍ଟିକୋଣ ଆଣିଥିଲେ । ଏହି କାର୍ଯ୍ୟକ୍ରମରେ ଡ୍ରୋନ୍ ଦିଦି ଏବଂ ଲକ୍ଷପତି ଦିଦିମାନଙ୍କ ସମେତ ତୃଣମୂଳ ସ୍ତରରେ ପରିବର୍ତ୍ତନକାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା, ଯାହାଙ୍କ ସ୍ଥାୟୀତ୍ୱ ଏବଂ ନବସୃଜନର ବ୍ୟକ୍ତିଗତ କାହାଣୀ ଦର୍ଶକଙ୍କ ମନରେ ଗଭୀର ଭାବରେ ପ୍ରତିଧ୍ୱନିତ ହୋଇଥିଲା ।




ପ୍ୟାନେଲ 'ବ୍ରିଙ୍ଗି ଅପ୍ ଗାର୍ଲ୍ସ', ଏକ ଜଟିଳ ଏବଂ ପ୍ରାୟତଃ ଅସମାନ ସାମାଜିକ ଦୃଶ୍ୟପଟରେ ଝିଅମାନଙ୍କ ଉନ୍ନତି ପାଇଁ ସାମାଜିକ ଗଠନ ଏବଂ ସମର୍ଥନ ପ୍ରଣାଳୀ ସୃଷ୍ଟି କରିବା ଉପରେ ଧ୍ୟାନ ଦେଇଥିଲା। ଶ୍ରୀମତୀ ପଣ୍ଡା ଏହି ପ୍ୟାନେଲ ଆଲୋଚନାରେ ବକ୍ତା ଭାବରେ ସାରା ଅବଦୁଲ୍ଲା (ସହ-ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷା, ସେକ୍ୱିନ୍) ମୋନିଷା ଭାସ୍କର (ପୂର୍ବତନ ପ୍ରିନ୍ସପାଲ୍, ପ୍ଲେ ହାଉସ୍ ସ୍କୁଲ), ଚାରୁ ନାରଙ୍ଗ ସିଂହ (ବୋର୍ଡ ସଦସ୍ୟ, କିଷାନ ଟ୍ରଷ୍ଟ) ଏବଂ ରାଧିକା ଭାରତ ରାମ (ଯୁଗ୍ମ ଉପାଧ୍ୟକ୍ଷ, ଦି ଶ୍ରୀରାମ ସ୍କୁଲ୍ସ) ସମେତ ଶିକ୍ଷୟିତ୍ରୀ ଏବଂ ଚିନ୍ତାନାୟକଙ୍କ ଏକ ପ୍ୟାନେଲ୍‌ରେ ଯୋଗ ଦେଇଥିଲେ। ଅଧିବେଶନ ସମୟରେ ଭାଷଣ ଦେଇ, ଶ୍ରୀମତୀ ପଣ୍ଡା ଗଭୀର ଭାବରେ ମୂଳ ଲିଙ୍ଗଗତ ମାନଦଣ୍ଡ ଏବଂ ପଦ୍ଧତିଗତ ଅସମାନତାକୁ ସାମ୍ନା କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ, ବିଶେଷକରି ଗ୍ରାମାଞ୍ଚଳ ପରିପ୍ରେକ୍ଷୀରେ ଯେଉଁଠାରେ ଝିଅମାନଙ୍କ ଆକାଂକ୍ଷା ପ୍ରାୟତଃ ପରିସ୍ଥିତି ଦ୍ୱାରା ହ୍ରାସ ପାଇଥାଏ। ସେ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ପରାମର୍ଶଦାତା କ୍ଷେତ୍ରରେ ନିରନ୍ତର ନିବେଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଯାହାଦ୍ୱାରା ଯୁବତୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଏବଂ ଆତ୍ମନିର୍ଭରଶୀଳର ଭାବନା ବିକଶିତ ହୋଇପାରିବ ।

'ଯେତେବେଳେ ଆମେ ଝିଅମାନଙ୍କ ଉପରେ ବିନିଯୋଗ କରୁ, ଆମେ ସମ୍ପ୍ରଦାୟର ଭବିଷ୍ୟତ ଏବଂ ସମାଜର ସ୍ଥିରତାରେ ବିନିଯୋଗ କରୁ,' ସେ କହିଥିଲେ । କିନ୍ତୁ ପ୍ରକୃତ ସଶକ୍ତିକରଣ ଗଭୀର ଭାବରେ ମୂଳ ଧାରଣ କରିଥିବା ସାମାଜିକ ଗଠନକୁ ଭାଙ୍ଗିବା ସହିତ ଆରମ୍ଭ ହୁଏ ଯାହା ସେମାନଙ୍କୁ ପଛକୁ ଟାଣି ରଖେ । ଆମକୁ ସାଙ୍କେତିକ ହସ୍ତକ୍ଷେପରୁ ଆଗକୁ ବଢ଼ି ସ୍ଥାୟୀ, ସମ୍ପ୍ରଦାୟ-ନେତୃତ୍ୱାଧୀନ ଇକୋସିଷ୍ଟମ ସୃଷ୍ଟି କରିବାକୁ ପଡିବ ଯାହା ପ୍ରତ୍ୟେକ ଝିଅକୁ, ଭୌଗୋଳିକ ତଥା କିମ୍ବା ପରିସ୍ଥିତି ନିର୍ବିଶେଷରେ ସମ୍ମାନ, ପସନ୍ଦ ଏବଂ ଉଦ୍ଦେଶ୍ୟ ସହିତ ବଞ୍ଚିବାକୁ ସକ୍ଷମ କରିବ।

### ନାଲ୍‌କୋ ଆର୍ଥିକ ବର୍ଷ ୨୦୨୫ - ୨୬ର ପ୍ରଥମ ତ୍ରୈମାସିକ ଫଳାଫଳ

# ୭୭% ଅଭିବୃଦ୍ଧି ସହ ୧୦୬୪ କୋଟି ଟଙ୍କାର ନିଟ୍ ଲାଭ

**ଭୁବନେଶ୍ୱର,୭/୮**
**ନ୍ୟୁଜ ବ୍ୟୁରୋ**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ତଥା ଦେଶର ଅଗ୍ରଣୀ ଆଲୁମିନା ଏବଂ ଆଲୁମିନିୟମ ଉତ୍ପାଦକ ଏବଂ ରପ୍ତାନିକାରୀ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ଼ (ନାଲ୍‌କୋ) ପକ୍ଷରୁ ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମ ତ୍ରୈମାସିକ ଫଳାଫଳ ଘୋଷିତ ହୋଇଛି । ପ୍ରଥମ ତ୍ରୈମାସିକରେ କମ୍ପାନୀ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲାବେଳେ ଆର୍ଥିକ କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ହାସଲ କରିଛି । ଗୁରୁବାର ଭୁବନେଶ୍ୱରରେ ଅନୁଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀର ବୈଠକରେ ରେକର୍ଡରେ କରାଯାଇଥିବା ଫଳାଫଳ ଅନୁଯାୟୀ, ନାଲ୍‌କୋ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଜୁନ୍ ୩୦ ତାରିଖରେ ଶେଷ ହୋଇଥିବା ପ୍ରଥମ ତ୍ରୈମାସିକରେ ୭୭% ଅଭିବୃଦ୍ଧି ସହ ୧୦୬୪ କୋଟି ଟଙ୍କାର ନିଟ୍ ଲାଭ ଅର୍ଜନ କରିଛି, ଯାହା ପୂର୍ବ ବର୍ଷର ସମାନ ତ୍ରୈମାସିକରେ ୬୦୧ କୋଟି ଟଙ୍କା ଥିଲା। ଚଳିତ ତ୍ରୈମାସିକରେ କମ୍ପାନୀ ମଧ୍ୟ ୩୮୦୭ କୋଟି ଟଙ୍କାର ବ୍ୟବସାୟ କରିଛି । ନାଲ୍‌କୋ ବୋର୍ଡ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରତି ଇକ୍ୱିଟି ସେୟାର ପିଛା ଟ ୨.୫୦ଙ୍କା ହିସାବରେ



୪୫୯.୧୬ କୋଟି ଟଙ୍କା ଚୂଡ଼ାନ୍ତ ଲାଭାଂଶ ସୁପାରିଶ କରିଛି, ଯାହା ଆଗାମୀ ୪୪ତମ ବାର୍ଷିକ ସାଧାରଣ ବୈଠକରେ ସେୟାରଧାରକମାନଙ୍କ ଅନୁମୋଦନ ନିମନ୍ତେ ଉପସ୍ଥାପନା କରାଯିବ । ଏଥିସହ ୨୦୨୪- ୨୫ ଆର୍ଥିକ ବର୍ଷ ପାଇଁ ମୋଟ ଲାଭାଂଶ ପ୍ରଦାନ ପରିମାଣ ୧୯୨୮.୪୬ କୋଟି ଟଙ୍କା ହେବ। ନାଲ୍‌କୋ ବୋର୍ଡର ସକ୍ଷମ ମାର୍ଗଦର୍ଶନ ତଥା କର୍ମଚାରୀ, ସହଯୋଗୀ ଏବଂ ଅଂଶୀଦାରମାନଙ୍କ ପ୍ରତିବଦ୍ଧତା ଫଳରେ କମ୍ପାନୀ ପ୍ରଥମ ତ୍ରୈମାସିକର ଉଲ୍ଲେଖନୀୟ ପ୍ରଦର୍ଶନ ହାସଲ କରିଛି ବୋଲି ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି। ଶ୍ରୀ ସିଂହ ଆହୁରି ମଧ୍ୟ କହିଛନ୍ତି ଯେ, କମ୍ପାନୀର ଦୃଢ଼ ଫଳାଫଳ ମୂଲ୍ୟ-ଦକ୍ଷ କାର୍ଯ୍ୟ, ଅନୁକୂଳ ଘରୋଇ ବ୍ୟବସାୟିକ ପରିବେଶ ଏବଂ ସାମଗ୍ରିକ ଟେକ୍ନୋ-ଅର୍ଥନୈତିକ ପାରାମିଟରରେ ଉନ୍ନତିର ମିଶ୍ରଣ ଦ୍ୱାରା ସମ୍ଭବ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ପ୍ରଦର୍ଶନ ତୁଳନାରେ, ବକ୍ସାଇଟ୍ ପରିବହନରେ ୬.୫୬% ବୃଦ୍ଧି ଘଟିଥିବାବେଳେ ଆଲୁମିନା ହାଇଡ୍ରେଟ୍, କାଲସାଇଣ୍ଡ ଆଲୁମିନା ଏବଂ ଆଲୁମିନିୟମ୍ କାଷ୍ଟ ଧାତୁର ଉତ୍ପାଦନ ଯଥାକ୍ରମେ ୩୫.୫%, ୫୨.୨୫% ଏବଂ ୨.୬୮% ବୃଦ୍ଧି ପାଇଛି। ସେହିପରି, ବିକ୍ରୟ କ୍ଷେତ୍ରରେ, କମ୍ପାନୀ ବଳିଷ୍ଠ ପ୍ରଦର୍ଶନ ସହ ଆଲୁମିନା ରପ୍ତାନି କ୍ଷେତ୍ରରେ ୨୦୯% ଅଭିବୃଦ୍ଧି ହାସଲ କରିଛି। ଏଥି ସହ ଘରୋଇ ବଜାରରେ ଆଲୁମିନା ଏବଂ ଆଲୁମିନିୟମର ସର୍ବାଧିକ ଘରୋଇ ବିକ୍ରୟ ରେକର୍ଡ ମଧ୍ୟ ହାସଲ କରିଛି।

ଫଳାଫଳ ସମ୍ବନ୍ଧରେ ନିଜର ମତ ପ୍ରକଟ କରିବା ସହ ଶ୍ରୀ ସିଂହ କହିଛନ୍ତି ଯେ, ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବରେ ଉଭା ହେବା ସହିତ, ଆଲୁମିନିୟମ୍ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ପ୍ରଗତି ହାସଲ କରୁଛି, ଚାହିଦା ୯ -୧୦% ବୃଦ୍ଧି ପାଇଛି ଏବଂ ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ 'ପରିବହନ, ନିର୍ମାଣ ଏବଂ ବୈଦ୍ୟୁତିକ କ୍ଷେତ୍ରଗୁଡ଼ିକ ବଡ଼ ଧରଣର ଅଭିବୃଦ୍ଧି ପାଇଁ ପ୍ରସ୍ତୁତ ଏବଂ ୨୦୩୦ ସୁଦ୍ଧା ଭାରତରେ ଆଲୁମିନିୟମ୍ ବ୍ୟବହାର ବାର୍ଷିକ ୭.୫ରୁ ୮ ନିୟୁତ ଟନ୍ ପହଞ୍ଚିବ ବୋଲି ଆକଳନ କରାଯାଇଛି। 'ନାଲ୍‌କୋର ଦୃଢ଼ ତ୍ରୟମାସିକ ଉତ୍କର୍ଷତା ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ଏବଂ ଆମେ ଏହି ଗତିକୁ ବଜାୟ ରଖିବା ପାଇଁ ଆଶାବାଦୀ ଅଛୁ' ।

ଉଲ୍ଲେଖନୀୟ ଯେ, ଆଲୁମିନିୟମ ଏବଂ ଆଲୁମିନା ମୂଲ୍ୟ ଶୃଙ୍ଖଳାରେ ସ୍ଥିର ଉନ୍ନତି ସହିତ ନାଲ୍‌କୋ ନିରନ୍ତର ଭାବରେ ଦୃଢ଼ ବ୍ୟବସାୟିକ ପ୍ରଦର୍ଶନ କରିଆସୁଅଛି। କମ୍ପାନୀ ମଧ୍ୟ ସକ୍ରିୟ ଭାବରେ ଏହାର ଆଲୁମିନା ରିଫାଇନାରୀ ସମ୍ପ୍ରସାରଣକୁ ଆଗକୁ ବଢାଇବା ସହ ପଟାଙ୍ଗି ବକ୍ସାଇଟ୍ ଖଣିକୁ କାର୍ଯ୍ୟକ୍ଷମ କରିବା ଦିଗରେ କାର୍ଯ୍ୟ କରୁଛି।

# ଭାଜପା ନେତା ପ୍ରକାଶଙ୍କୁ ସଂଘବଦ୍ଧ ଆକ୍ରମଣ : ଆକ୍ରମଣରେ ରାଜନେତା ସମ୍ପୃକ୍ତି ଥିବା ଅଭିଯୋଗ



ଖୋର୍ଦ୍ଧା,୭।୮ ନ୍ୟୁଜ ବ୍ୟୁରୋ

ବେଗୁନିଆ ଭାଜପା ବିଧାୟକ ପ୍ରାର୍ଥୀ ପ୍ରକାଶ ରଣବିଜୁଳିଙ୍କୁ ଗୁରୁବାର ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି । ଖୋର୍ଦ୍ଧା ବାଟମଙ୍ଗଳାସ୍ଥିତ ଡିଆରସିଏସ୍ କାର୍ଯ୍ୟାଳୟ ସମ୍ମୁଖରେ ୪ରୁ ୫ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଧରି ପ୍ରକାଶଙ୍କ ଗାଡିକୁ ଭଙ୍ଗାରୁଜା କରିବା ସହ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ଜଣାପଡିଛି। ଏହି ଆକ୍ରମଣର ଦୃଶ୍ୟ ଆରଡ଼ି ବଙ୍ଗଳା ସିସିଟିଭିରେ କଏଦ ହୋଇଛି। ଅନ୍ୟପକ୍ଷେ ପ୍ରକାଶଙ୍କ କିଛି ସମର୍ଥକ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଖବର ପାଇ ହେଡ୍‌କ୍ୱାର୍ଟର ଡିଏସ୍‌ପି ଅନିଲ ମହାନ୍ତି, ଟାଉନ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ପ୍ରକାଶ କହିଛନ୍ତି, ବେଗୁନିଆ ବ୍ଲକ ଗଡ଼ମାଣିତ୍ରୀ ଛତ୍ରପଡ଼ା ସୋସାଇଟିର ଚାଷୀ ସମସ୍ୟା ନେଇ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ସହ ସମବାୟ ସମୂହ ନିବନ୍ଧକ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଚାଷୀମାନେ କାର୍ଯ୍ୟାଳୟ ଭିତରେ ଆଲୋଚନା କରୁଥିବା ବେଳେ ପ୍ରକାଶ କାର୍ଯ୍ୟାଳୟ ବାହାରକୁ ଆସିଥିଲେ। ସେତିକିବେଳେ ଆରଡ଼ି ବଙ୍ଗଳାପଟୁ ହଠାତ୍ ୪ରୁ ୫ଜଣ ଦୁର୍ବୃତ୍ତ ପହଞ୍ଚି କାର୍‌କୁ ଢେଲା, ପଥର ମାଡ଼ କରିଥିଲେ। ପ୍ରକାଶ ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଘେରିଯାଇ ଆକ୍ରମଣ କରିଥିଲେ। ସେଥିରୁ ଜଣେ ଫୋନ ଦେଇ କହିଲେ, ଭାଇ କଥା ହେବେ, ସେ କଥା ହେବା ବେଳେ ବାର୍ତ୍ତାଳାପରୁ ସେ ଜଣେ ରାଜନେତା ବୋଲି ପ୍ରକାଶ ଜାଣିବାକୁ ପାଇଥିବା ପ୍ରକାଶ କହିଛନ୍ତି। ଏହି ଆକ୍ରମଣ ପଛରେ ଜଣେ ରାଜନେତାଙ୍କ ସମ୍ପୃକ୍ତି ଥିବା ସେ ଅଭିଯୋଗ କରିଛନ୍ତି। ଫୋନରେ ବ୍ୟକ୍ତି ଜଣକ ପ୍ରକାଶଙ୍କୁ କହିଥିଲେ, ତୁ ବେଶି ଉଡୁରୁଛୁ, ଆଉ ବେଗୁନିଆ ଯିବୁନି, ଗଲେ ଜୀବନରେ ମାରିଦେବୁ, ପୂର୍ବରୁ ମୋର ବାଡିଆପିଟାରେ ରେକର୍ଡ ଅଛି ବୋଲି ଧମକ ଦେଇଥିଲେ। ଅନ୍ୟପକ୍ଷେ ପ୍ରକାଶ ଆର୍‌ଡି କାର୍ଯ୍ୟାଳୟ ନିଶାଖୋରଙ୍କ ଆଡ୍ଡାସ୍ଥଳୀ ପାଲଟିଛି ବୋଲି ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି।

# ଅବସରପ୍ରାପ୍ତ କର୍ମଚାରୀଙ୍କ ଅଟକାଇ ପାରିବେନି ଗ୍ରାଚୁଇଟି : ହାଇକୋର୍ଟ

**କଟକ, ୭/୮ ନ୍ୟୁଜ ବ୍ୟୁରୋ**

ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ଖୁସି ଖବର । ଗ୍ରାଚୁଇଟି ବାବଦ ଦେୟକୁ ବିନା ଆଇନଗତ କ୍ଷମତାରେ କର୍ତ୍ତୃପକ୍ଷ ଅଟକାଇ ପାରିବେ ନାହିଁ ବୋଲି ହାଇକୋର୍ଟ ରାୟ ପ୍ରଦାନ କରିଛନ୍ତି। ଏଥିସହିତ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଅବସରପ୍ରାପ୍ତ ସହକାରୀ ପରିଚାଳକ ନଳିନୀକାନ୍ତ ଷଡଙ୍ଗୀଙ୍କୁ ଗ୍ରାଚୁଇଟି ସଂପର୍କିତ ପ୍ରାପ୍ୟ ମିଳିବା ସପକ୍ଷରେ ଜଣିକିଆ ବିଚାରପତି ପ୍ରଦାନ କରିଥିବା ରାୟ ଉପରେ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି କୋର୍ଟ । ଜଣିକିଆ ବିଚାରପତିଙ୍କ ୨୦୨୪ ମସିହା ଅକ୍ଟୋବର ୯ ତାରିଖରେ ପ୍ରଦତ୍ତ ରାୟ ବିରୋଧରେ ବ୍ୟାଙ୍କ ତରଫରୁ ଦାୟର ରିଟ୍ ଅପିଲକୁ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଖାରଜ କରିଛନ୍ତି। ନଳିନୀକାନ୍ତ ଷଡଙ୍ଗୀଙ୍କୁ ଗ୍ରାଚୁଇଟି ବାବଦ ଅର୍ଥ ୧୦ ପ୍ରତିଶତ ସୁଧ



ସହିତ ପ୍ରଦାନ ପାଇଁ ଭୁବନେଶ୍ୱର ଯୁଗ୍ମ ଶ୍ରମ କମିଶନର ତଥା ଅପିଲ କର୍ତ୍ତୃପକ୍ଷ ୨୦୨୨, ମାର୍ଚ୍ଚ ୨୮ରେ ପ୍ରଦାନ କରିଥିବା ରାୟ ବିରୋଧରେ ବ୍ୟାଙ୍କ ତରଫରୁ ହାଇକୋର୍ଟରେ ମାମଲା ଦାୟର କରାଯାଇଥିଲା। ଜଣିକିଆ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ବ୍ୟାଙ୍କ ଆବେଦନକୁ ଖାରଜ କରିବା ସହିତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଗ୍ରାଚୁଇଟି ପ୍ରଦାନ ସପକ୍ଷରେ ରାୟ ଦେଇଥିଲେ । ୨୦୨୪, ଅକ୍ଟୋବର ୯ ତାରିଖର ଏହି ରାୟକୁ ବ୍ୟାଙ୍କ ପକ୍ଷରୁ ପୁଣି ହାଇକୋର୍ଟରେ ଦୁଇ ଜଣିଆ ଖଣ୍ଡପୀଠରେ ଚାଲେଞ୍ଜ କରାଯାଇଥିଲା । ମାମଲା ବିବରଣୀରୁ ସ୍ପଷ୍ଟ ବ୍ୟାଙ୍କରେ କାର୍ଯ୍ୟ କରିବା ସମୟରେ ନଳିନୀକାନ୍ତ ଷଡ଼ଙ୍ଗୀଙ୍କ ବିରୋଧରେ ଆର୍ଥିକ ଅନିୟମିତତାରେ ସଂପୃକ୍ତ ନେଇ ଅଭିଯୋଗ ହୋଇଥିଲା । ତାଙ୍କ ବିରୋଧରେ ୨୦୧୧ ମସିହାରେ ଭିଜିଲାନ୍ସରେ ମାମଲା ରୁଜୁ କରାଯାଇଥିଲା। ଏଥିସହ ନଳିନୀକାନ୍ତ ଷଡ଼ଙ୍ଗୀ ବ୍ୟାଙ୍କର ବରୀ ଶାଖାରେ କାର୍ଯ୍ୟ କରୁଥିବା ସମୟରେ ଆର୍ଥିକ ଅନିୟମିତତା ଅଭିଯୋଗରେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ମଧ୍ୟ ଆରମ୍ଭ କରାଯାଇଥିଲା। ୨୦୧୩ ମସିହା ଫେବୃୟାରୀ ମାସରେ ସେ ଚାକିରିରୁ ଅବସର ଗ୍ରହଣ କରିବା ପରେ ଭିଜିଲାନ୍ସ ମାମଲା ଓ ଅନ୍ୟ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆଳରେ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କ ଗ୍ରାଚୁଇଟି ବାବଦ ଅର୍ଥ ପ୍ରଦାନ କରିନଥିବା ଅଭିଯୋଗ ହୋଇଥିଲା । ନଳିନୀକାନ୍ତ ଷଡ଼ଙ୍ଗୀ ଗ୍ରାଚୁଇଟି ବାବଦ ୬,୧୭,୫୧୩ ଟଙ୍କା ଓ ବିଳମ୍ବ ପାଇଁ ଏହା ଉପରେ ସୁଧ ଦାବି କରିଥିଲେ । ଡିଭିଜନାଲ ଶ୍ରମ କମିଶନର ତଥା କଣ୍ଟ୍ରୋଲିଂ ଅଥରିଟିଙ୍କ ନିକଟରେ ଦରଖାସ୍ତ ମଧ୍ୟ ଦାଖଲ କରିଥିଲେ । ବ୍ୟାଙ୍କକୁ ଗ୍ରାଚୁଇଟି ବାବଦ ଓ ଏହା ଉପରେ ସୁଧ ଏପରି ମୋଟ ୯,୭୯,୦୫୪ ଟଙ୍କା ୩୦ ଦିନ ଭିତରେ ଶ୍ରୀ ଷଡ଼ଙ୍ଗୀଙ୍କୁ ପ୍ରଦାନ ପାଇଁ କଣ୍ଟ୍ରୋଲିଂ ଅଥରିଟି ୨୦୨୦ ମସିହା ଜାନୁଆରୀ ୧୩ ତାରିଖରେ ନିର୍ଦ୍ଦେଶ ଦେଇଥିଲେ।

# ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କଲେ ଡେଲିଭରି ବୟ

**ଭୁବନେଶ୍ୱର, ୭/୮ ନ୍ୟୁଜ ବ୍ୟୁରୋ**

ଭରତପୁର ଥାନା ଶାମପୁର ଅଞ୍ଚଳରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଯାଇଛି । ଜଣେ ମହିଳାଙ୍କୁ ଫୁଡ ଡେଲିଭରି ବୟ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଫୁଡ ଡେଲିଭରି ଦେବାରେ ବିଳମ୍ବ ହେବାରୁ ପ୍ରଥମେ ମହିଳା ଏବଂ ଫୁଡ ଡେଲିଭରି ବୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଡେଲିଭରି ବୟ ଜଣକ ଉତ୍‌କ୍ଷିପ୍ତ ହୋଇ ମହିଳାଙ୍କୁ ଆକ୍ରମଣ କରିଥିବା ଜଣାପଡିଛି। ଆକ୍ରମଣରେ ମହିଳାଙ୍କ ମୁଣ୍ଡ, ବେକ ଏବଂ ହାତରେ ଆଘାତ ଲାଗିଛି। ଫଳରେ ମହିଳା ଜଣକ ମେଡିକାଲରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଅଭିଯୋଗକୁ ଭିତ୍ତି କରି ପୋଲିସ ଫୁଡ ଡେଲିଭରି ବୟଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

### ଶ୍ରୀମନ୍ଦିର ଗଳାବାଟ ପାଇଁ ହାତଗୁଞ୍ଜା ନେଉଛନ୍ତି ଜେଟିପି

# ସାମ୍ନାକୁ ଆସିଲା ଭିଡିଓ, ଜେଟିପିଙ୍କୁ କାର୍ଯ୍ୟରୁ ବହିଷ୍କାର ନିର୍ଦ୍ଦେଶ

**ପୁରୀ ୦୭/୦୮ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ସିଂହଦ୍ୱାରରେ ଥିବା ସେବାୟତଙ୍କ ପ୍ରବେଶ ପଥରେ ଶ୍ରଦ୍ଧାଳୁଙ୍କୁ ପ୍ରବେଶ କରାଇବାକୁ ଚାଲିଛି ଲାଞ୍ଚ କାରବାର । ନବ ନିଯୁକ୍ତ ଜେଟିପି ସ୍କ୍ୱାଡ୍ କର୍ମଚାରୀମାନେ ଏହି ଲାଞ୍ଚ କାରବାରରେ ସମ୍ପୃକ୍ତ ଥିବା ଭିଡିଓ ସାମ୍ନାକୁ ଆସିଛି। ଯାତ୍ରୀଙ୍କୁ ଶ୍ରୀମନ୍ଦିରକୁ ଗଳା ବାଟରେ ପ୍ରବେଶ କରାଉଛନ୍ତି। ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସିଥିବା ଜଣେ ଗୁମାସ୍ତାଠାରୁ ଜେଟିପି ସ୍କ୍ୱାଡ୍‌ର ଜଣେ କର୍ମଚାରୀ ଲାଞ୍ଚ ନେଉଥିବାର ଭିଡିଓରୁ ସ୍ପଷ୍ଟ ଜଣାପଡୁଛି। ଦୋଳମଣ୍ଡପ ସାହି ଓ ଏହା ସଂଲଗ୍ନ ସାହିଗୁଡ଼ିକର ସେବାୟତଙ୍କ ସମେତ ଡ୍ୟୁଟି କରୁଥିବା କର୍ମଚାରୀମାନେ ସହଜରେ ଯାତାୟାତ ନିମନ୍ତେ ସିଂହଦ୍ୱାର ଆଗରେ ଏକ ବାଟ କରାଯାଇଛି । ମାତ୍ର ଏହି ବାଟକୁ କିଛି ପୁଲିସ ଓ ଶ୍ରୀମନ୍ଦିର କର୍ମଚାରୀ ଲାଞ୍ଚ ନେଇ ସାଧାରଣ ଲୋକଙ୍କ ପାଇଁ ଗଳାବାଟ କରି ଦେଇଛନ୍ତି । ଯାତ୍ରୀ ଗୁମାସ୍ତା, ଧୂଳିଆ ପ୍ରଭୃତିମାନଙ୍କଠାରୁ ଲାଞ୍ଚ ନେଇ ଏହି ବାଟରେ ସେମାନଙ୍କ ଯାତ୍ରୀଙ୍କୁ ଛାଡ଼ୁଛନ୍ତି। ବିନା ଯାଞ୍ଚରେ ଯାତ୍ରୀମାନଙ୍କୁ ସହଜରେ ଶ୍ରୀମନ୍ଦିରରେ ପ୍ରବେଶର ପ୍ରତିଶ୍ରୁତି ଦେଇ ଯାତ୍ରୀ ଗୁମାସ୍ତାମାନେ



ଶ୍ରଦ୍ଧାଳୁଙ୍କଠାରୁ ଟଙ୍କା ଆଦାୟ କରୁଛନ୍ତି ।

ତେବେ ନବ ନିଯୁକ୍ତ ଜେଟିପି ସ୍କ୍ୱାଡ୍‌ର କର୍ମଚାରୀମାନେ ପତିତପାବନଙ୍କ ଠିକ୍ ସାମ୍ନାରେ ଲାଞ୍ଚ ନେଉଥିବା ଭିଡିଓ ସାମ୍ନାକୁ ଆସିବା ପରେ ଶ୍ରଦ୍ଧାଳୁଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଭିଡ଼ ସମୟରେ ସାଧାରଣ ଶ୍ରଦ୍ଧାଳୁଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ ନିମନ୍ତେ ଧାଡ଼ିରେ ଠିଆ ହୋଇ ଅପେକ୍ଷା କରିବାକୁ ପଡ଼ିଥାଏ । ଏହାର ଫାଇଦା ନେବା ନିମନ୍ତେ କିଛି ଅସାଧୁ ଗୋଷ୍ଠୀ ମାତିଛନ୍ତି । ଶ୍ରୀମନ୍ଦିର ଅନ୍ୟଦ୍ୱାରମାନଙ୍କରେ ଚାଲିଥିବା ଅସାଧୁ କାରବାର ମଧ୍ୟ ସାମ୍ନାକୁ ଆସିଛି । ତେବେ ଶ୍ରୀମନ୍ଦିର ପ୍ରଶାସନ ନିୟମକାନୁନ ନମାନି ଆଉଟସୋର୍ସିଂ ସଂସ୍ଥା ଜରିଆରେ ଜେଟିପି ସ୍କ୍ୱାଡ୍ ନିଯୁକ୍ତ କରିଛି । ଏହି ନିଯୁକ୍ତିରେ ଲାଞ୍ଚ କାରବାର ହୋଇଥିବା ଅଭିଯୋଗ ହୋଇଛି । ଲାଞ୍ଚ ଦେଇ ନିଯୁକ୍ତି ପାଇଥିବା ଏହି ଜେଟିପି ସ୍କ୍ୱାଡ୍ ଏଭଳି ମାର୍ଗରେ ରୋଜଗାର କରୁଛନ୍ତି ବୋଲି ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି । ତେବେ ଏହି ଘଟଣା ସମ୍ପର୍କରେ ଅବଗତ ହେବା ପରେ ଉକ୍ତ ଜେଟିପିଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

# ଗୋବିନ୍ଦପୁର ଗାଁରେ ଜଣ୍ଡିସ ଆତଙ୍କ, ୧୪ ଶିଶୁ ଆକ୍ରାନ୍ତ

**ଆଠଗଡ଼, ୦୭/୦୮ ନ୍ୟୁଜ ବ୍ୟୁରୋ**

କଟକ ଜିଲ୍ଲା ବଡ଼ମ୍ବା ବ୍ଲକ ଗୋବିନ୍ଦପୁର ଗ୍ରାମରେ ଜଣ୍ଡିସ ଆତଙ୍କ। ଗ୍ରାମର ୧୪ ଜଣ ଜଣ୍ଡିସ ଆକ୍ରାନ୍ତ ଶିଶୁଙ୍କୁ ମାଣିଆବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯିବା ପରେ ଗାଁରେ ମେଡିକାଲ ଟିମ୍ ଆସି ଚିକିତ୍ସା ଜାରି ରଖିଛି । ପଞ୍ଚାୟତ ପାନୀୟଜଳ ଯୋଗାଣ ବିଭାଗ ଦ୍ୱାରା ହେଉଥିବା ଜଳଯୋଗାଣ ପାଇପ ବିଭିନ୍ନ ସ୍ଥାନରେ ଫାଟିଥିବା କାରଣରୁ ଦୂଷିତ ପାଣି ପିଇ ଏଭଳି ହୋଇଥିବା ପ୍ରାଥମିକ ପର୍ଯ୍ୟାୟରୁ ଜଣାପଡୁଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି । ଖବର ପାଇ ବରିଷ୍ଠ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର ମଧ୍ୟ ଗାଁକୁ ଯାଇ ଲୋକଙ୍କ ସହ ବିଶେଷ ଆଲୋଚନା କରିଛନ୍ତି । ସେପଟେ ଗାଁରେ କିପରି ରୋଗ ଅଧିକ ନ ବ୍ୟାପିବ ସେନେଇ ସଚେତନତା କରାଇଛନ୍ତି । ଘଟଣା ସ୍ଥଳରେ ବିଧାୟକ ବିଜୟ କୁମାର ଦଳବେହେରା ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ସ୍ୱାସ୍ଥ୍ୟବିଭାଗ ଅଧିକାରୀ ଓ ମାଣିଆବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ ଜଳଯୋଗାଣ ପାଇପ ମରାମତି କରିବା ସହ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାମ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ । ନିକଟସ୍ଥ ଆୟୁଷ୍ମାନ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରମାନଙ୍କରେ ବିପୁଳ ପରିମାଣର ସର୍ବନିମ୍ନ ଦରକାରୀ ଔଷଧ, ବ୍ଲିଚିଂ ପାଉଡର ଆଦି ମହଜୁଦ ରଖିବା ଲାଗି ବିଧାୟକ ଦଳବେହେରା ପରାମର୍ଶ ଦେଇଥିଲେ। ଏହାବ୍ୟତୀତ ତ୍ୱରିତ ଗତିରେ ପରିମଳ ବ୍ୟବସ୍ଥା ଏବଂ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ସୁଧାର ଆଣିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ ।